visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.227 Bhubaneswar Thursday, October 28, 2021 ୨୪ତମ ବର୍ଷ ସଂଖ୍ୟା-୨୨୭ ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୨୮, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS




ଗଞ୍ଜାମ ଜିଲ୍ଲାର ପ୍ରଥମ ମହିଳା ସାମ୍ବାଦିକା ତଥା ସମାଜସେବୀ ଶ୍ରୀମତୀ ବିମଳା ମହାନ୍ତିଙ୍କ ୭୫ତମ ଜୟନ୍ତୀ ପିତଳ ଧର୍ମାନନ୍ଦ ମହିଳା ସମିତି ପକ୍ଷରୁ ସମ୍ପାଦିକା ସୁଶ୍ରୀ ପୁଷ୍ପାଞ୍ଜଳି ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ

## ନଭେମ୍ବର ୧ରୁ ୟୁଜି ,୧୫ରୁ ପିଜି ପ୍ରଥମ ବର୍ଷ ଅଫଲାଇନ୍ ପାଠପଢ଼ା

ଭୁବନେଶ୍ୱର, ୨୭।୧୦(ପି.ଏନ): ନଭେମ୍ବର ୧ରୁ ୟୁଜି (ସ୍ନାତକ) ପ୍ରଥମ ବର୍ଷ ପିଲାଙ୍କ ପାଠପଢ଼ା ଶ୍ରେଣୀଗୃହରେ ଆରମ୍ଭ ହେବ। ସେହିପରି ନଭେମ୍ବର ୧୫ରୁ ପିଜି (ସ୍ନାତୋକତର) ପ୍ରଥମ ବର୍ଷ ପିଲାଙ୍କ ଅଫଲାଇନ୍ ପାଠପଢ଼ା ଶ୍ରେଣୀ ଗୃହରେ ଆରମ୍ଭ ହେବ। ଏଥିସହ କୋଭିଡ୍ କଟକଣା ସହ କଲେଜ ହଷ୍ଟେଲ ଗୁଡିକ ମଧ୍ୟ ଖୋଲିବ। ଏନେଇ ବୁଧବାର ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତି ଓ କଲେଜର ଅଧକ୍ଷମାନଙ୍କୁ ଚିଠି ଲେଖିଛନ୍ତି ଉଚ୍ଚ ଶିକ୍ଷା ସଚିବ ଶାଶ୍ୱତ ମିଶ୍ର।ଚିଠିରେ ଶ୍ରେଣୀଗୃହରେ ପାଠପଢ଼ା ପାଇଁ ଛାତ୍ରଛାତ୍ରୀଙ୍କ ପାଇଁ ମାସ୍କ ବାଧ୍ୟତାମୂଳକ କରାଯାଇଛି। ସେମାନେ ନିୟମିତ ବ୍ୟବଧାନରେ ହାତ ସଫା କରିବେ। ଶ୍ରେଣୀ ଗୃହ, ପାଠାଗାର ତଥା ଲାବୋରଟୋରୀ ଗୁଡ଼ିକରେ ଛାତ୍ରଛାତ୍ରୀମାନେ ସେମାନଙ୍କ ମଧ୍ୟରେ ସାମାଜିକ ଦୂରତା ବଜାୟ ରଖିବେ। କେହି କଲେଜ ବା ବିଶ୍ୱବିଦ୍ୟାଳୟ ପରିସର ମଧ୍ୟରେ ବାହାରେ ଏଣେତେଣେ ଛେପ ପକାଇ ପାରିବେ ନାହିଁ। କାଶିବା ବା ଛିଙ୍କିବା ବେଳେ ରୁମାଲ ଆଦି ବ୍ୟବହାର କରିବାକୁ କୁହାଯାଇଛି। ତା'ସହିତ ଛାତ୍ରଛାତ୍ରୀମାନେ ନିଜ ସ୍ୱାସ୍ଥ୍ୟ ବିଷୟରେ ଯେପରି ସଚେତନ ରହିବେ, ସେଥିପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରିବାକୁ ବିଶ୍ୱବିଦ୍ୟାଳୟ ଓ କଲେଜ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ସେହିପରି ଜରୁରୀ ସ୍ଥିତି ପାଇଁ ସବୁ କଲେଜ ଓ ବିଶ୍ୱବିଦ୍ୟାଳୟରେ ଏକ ନିର୍ଦ୍ଦିଷ୍ଟ କଠୋରୀକୁ ପ୍ରସ୍ତୁତ ରଖିବାକୁ ଉଚ୍ଚଶିକ୍ଷା ସଚିବ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।ଶ୍ରେଣୀ ଗୃହ ପାଠପଢ଼ା ଆରମ୍ଭ କରିବା ସହିତ ହଷ୍ଟେଲ ଗୁଡ଼ିକୁ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନେ ହଷ୍ଟେଲ୍ ରେ ନାଁ ଲେଖାଇଛନ୍ତି, ସେମାନେ ସେଠାରେ ରହିପାରିବେ। ହଷ୍ଟେଲ୍ ରେ ମଧ ସମସ୍ତ କୋଭିଡ୍ କଟକଣା ଯେମିତି ପାଳନ ହୁଏ, ତାହା ସୁନିଶ୍ଚିତ କରିବାକୁ ବିଶ୍ୱବିଦ୍ୟାଳୟ ଓ କଲେଜ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଭୁବନେଶ୍ୱରରୁ ୧୭୫ ପଜିଟିଭ୍

ଭୁବନେଶ୍ୱର, ୨୭।୧୦(ପି.ଏନ): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଂଚଳରୁ ବୁଧବାର ଦିନ ଆଉ ୧୭୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪୯ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୧୨୬ ଜଣ ଲୋକାଲ ମାମଲା ରହିଛନ୍ତି। ସେହିପରି ଗତ ୨୪ ଘଂଟାରେ ଆଉ ୨୫୫ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

## ଓଡିଶାରେ ସଂକ୍ରମଣ ସ୍ଥିର, ତଥାପି ନିୟମ ମାନିବା : ଡିଏମଇଟି

ଭୁବନେଶ୍ୱର, ୨୭।୧୦(ପି.ଏନ): କିଛି ଦେଶରେ ସଂକ୍ରମଣ ଦିନକୁ ଦିନ ବଢୁଥିବା ବେଳେ, ଓଡିଶାରେ ସଂକ୍ରମଣ ସ୍ଥିର ରହିଛି । ଯେ ପର୍ଯ୍ୟନ୍ତ କରୋନା ପୂର୍ଣ୍ଣ ରୂପେ ପ୍ରତିହତ ନ ହୋଇଛି ସେ ପର୍ଯ୍ୟନ୍ତ କଡାକଡ଼ି ନିୟମ ପାଳନ କରିବାକୁ ପଡିବ ବୋଲି କହିଛନ୍ତି ଡିଏମଇଟି ମୁଖ୍ୟ ସିବିକେ ମହାନ୍ତି । ଟ୍ରାଭେଲ କ୍ଷେତ୍ରରେ ଯେହେତୁ ସେତେଟା କଟକଣା ନାହିଁ, କିନ୍ତୁ ଏଦିଗରେ ବି ଧ୍ୟାନ ଦେବାକୁ ପଡିବ ବୋଲି ସେ କହିଛନ୍ତି ।ସେ କହିଛନ୍ତି ରାଜ୍ୟରେ କରୋନା ସଂକ୍ରମଣ ଦିନକୁ ଦିନ କମିବାରେ ଲାଗିଛି । ଗତ ୭ଦିନ ଭିତରେ ସଂକ୍ରମଣ ୪ଶହରୁ ୬ଶହ ଭିତରେ ରହୁଛି । ଡବଲିଙ୍ଗ ଟାଇମ୍ କମିଲେ ସଂକ୍ରମଣ ବି କମିବ। ସଂକ୍ରମଣ ବଢ଼ିବାରେ ୨ଟି ସୂତ୍ର ହୋଇପାରେ । ଗୋଟିଏ ହେଉଛି, ଲୋକେ କିପରି ନିୟମ ମାନୁଛନ୍ତି ଓ ଆଉ ଗୋଟିଏ ହେଉଛି ଭାଇରସର ଗୁଣ ସୂତ୍ର ପରିବର୍ତ୍ତନ ।

## ଗୋଟିଏ ଦିନରେ ୫୪୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୭।୧୦(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୫୪୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୩୯୮୧୮ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୭୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୨୬ ହଜାର ୭୭୪ ହୋଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୬୭୩ ରହିଛି। ଆଜି ଚିହ୍ନଟ ହୋଇଥିବା ୫୪୯ ଜଣଙ୍କ ମଧ୍ୟରୁ ୩୧୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୩୧ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୩ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୨୯୬ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧରେ ଅନୁଗୁଳ ଜିଲ୍ଲାରୁ ୨ , ବାଲେଶ୍ୱରରୁ ୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ୨, ଭଦ୍ରକରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗୀରରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୫୦ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରେ ୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରେ ୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଗଜପତି ଓ ଗଂଜାମ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ଜଗତସିଂହପୁର ଜିଲ୍ଲାରୁ ୯ ଜଣ, ଯାଜପୁରରୁ ୧୩ ଜଣ ସଂକ୍ରମିତ ହୋଇଥିବା ବେଳେ , ଝାରସୁଗୁଡ଼ା ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କଳାହାଣ୍ଡି ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ାରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ଖୋର୍ଦ୍ଧାରୁ ୨୯୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କୋରାପୁଟରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

## ପଂଚାୟତ ନିର୍ବାଚନ ପାଇଁ ନଭେମ୍ବର ୬ରେ ସର୍ବଦଳୀୟ ବୈଠକ ଡାକିଲେ ନିର୍ବାଚନ ଆୟୋଗ

ଭୁବନେଶ୍ୱର, ୨୭।୧୦(ପି.ଏନ): ରାଜ୍ୟରେ ପଂଚାୟତିରାଜ ଅନୁଷ୍ଠାନଗୁଡ଼ିକରେ ସାଧାରଣ ନିର୍ବାଚନ ନିମନ୍ତେ ଆସନ୍ତା ୬ ତାରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ରାଜ୍ୟ ନିର୍ବାଚନ ଆୟୋଗଙ୍କ ସଭାଗୃହରେ ଅନୁଷ୍ଠିତ ହେବାକୁ ଥିବା ଏକ ସର୍ବଦଳୀୟ ବୈଠକ ନିମନ୍ତେ ନିର୍ବାଚନ ଆୟୋଗଙ୍କ ସଚିବ ସମସ୍ତ ରାଜନୈତିକ ଦଳମାନଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି । ବର୍ତମାନ ଜିଲ୍ଲା ପରିଷଦଗୁଡ଼ିକର କାର୍ଯ୍ୟକାଳ ୨୦୨୨ ମାର୍ଚ୍ଚ ମାସ ଦ୍ୱିତୀୟ ସପ୍ତାହ ସୁଦ୍ଧା ଶେଷ ହେବ। ନିୟମାନୁସାରେ କାର୍ଯ୍ୟକାଳ ୫ ବର୍ଷ ଶେଷ ହେବା ପୂର୍ବରୁ ସାଧାରଣ ନିର୍ବାଚନ ହେବା ଆବଶ୍ୟକ। ସଠିକ୍ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ରାଜ୍ୟ ନିର୍ବାଚନ ଆୟୋଗ ସମସ୍ତ ରାଜନୈତିକ ଦଳମାନଙ୍କର ଏକ ସର୍ବଦଳୀୟ ବୈଠକ ଡାକି ବିଚାରବିମର୍ଶ କରିବା ପାଇଁ ସ୍ଥିର କରିଛନ୍ତି । ସର୍ବଦଳୀୟ ବୈଠକରେ ସଂପୃକ୍ତ ରାଜନୈତିକ ଦଳଙ୍କର ସଭାପତି/ସଂପାଦକ କିମ୍ବା ଦଳ ତରଫରୁ ପ୍ରାଧିକୃତ ପ୍ରତିନିଧିମାନେ ବୈଠକରେ ଯୋଗଦେଇପାରିବେ ।

## କିସ୍‌ରେ ଫୁଟ୍‌ବଲ୍ ଫର୍ ସ୍କୁଲ୍ ଉଦ୍‌ଘାଟିତ ; କ୍ରୀଡ଼ାରେ ବିନିଯୋଗ ହିଁ ଯୁବଗୋଷ୍ଠୀ ପାଇଁ ବିନିଯୋଗ: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,୨୭।୧୦: ଫିଫା ଓ କିସ୍‌ର ମିଳିତ ସହଯୋଗରେ ବୁଧବାର କିସ୍‌ରେ ଫୁଟ୍‌ବଲ୍ ଫର୍ ସ୍କୁଲ୍ କାର୍ଯ୍ୟକ୍ରମକୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ୍‌ରେ ଉଦ୍‌ଘାଟନ କରିଛନ୍ତି। ସମଗ୍ର ବିଶ୍ୱରେ ପ୍ରଥମ ଥର ଲାଗି ଭାରତର ଓଡ଼ିଶାରେ ଫୁଟବଲ୍ ଫର ସ୍କୁଲ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କରୋନା ନିୟମ ମଧ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁଇଜରଲ୍ୟାଣ୍ଡ ସାଂସଦ ଡ. ନିକ୍ ଗଗର୍, ଫିଫା ସଭାପତି ଜିଏନି ଇନ୍‌ଫାଣ୍ଟିନୋ ଭର୍ଚୁଆଲ୍‌ରେ ଯୋଗ ଦେଇଥିବା ବେଳେ ଫିଫା ଫାଉଣ୍ଡେସନ୍ କାର୍ଯ୍ୟନିର୍ବାହୀ ଅଧିକାରୀ ୟୁରୀ ଡିଜୋରକେଫ୍, ଫିଫା ଫୁଟ୍‌ବଲ୍ ଫର୍ ସ୍କୁଲ୍‌ର ପ୍ରୋଜେକ୍ଟ ଲିଡର୍ ଆଲେକ୍‌ଜେଣ୍ଡ୍ରେ ଗ୍ରସ୍, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର୍ ତଥା ସଚିବ ଆର୍. ଭିନିଲ୍‌କ୍ରିଷ୍ଣା, ଅଲ୍ ଇଣ୍ଡିଆ ଫୁଟ୍‌ବଲ୍ ଫେଡ଼େରେସନ୍ (ଏଆଇଏଫ୍‌ଏଫ୍) ସାଧାରଣ ସମ୍ପାଦକ କୁଶଳ ଦାସ, ଓଡ଼ିଶା ଫୁଟ୍‌ବଲ୍ ଆସୋସିଏସନ୍ ସଭାପତି ଦେବାଶିଷ ସାମନ୍ତରାୟ ଓ ସମ୍ପାଦକ ଆଶୀର୍ବାଦ ବେହେରା, ଫିଫା ପଦାଧିକାରୀ ଆଲେକ୍‌ଜେଣ୍ଡ୍ରା ହୁଟେ, ଆଣ୍ଟୋନିଓ ବୁଏନାନୋ ଏବଂ ଆଲ୍‌ବର୍ଟୋ ଜିଆକୋମିନି ପ୍ରମୁଖ ଯୋଗଦେଇଥିଲେ। ପ୍ରଥମଥର ଲାଗି ଭାରତରେ ଫିଫା ସହଯୋଗରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହେଉଛି। କାର୍ଯ୍ୟକ୍ରମକୁ ଭର୍ଚୁଆଲ୍‌ରେ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଲେ କ୍ରୀଡ଼ା କ୍ଷେତ୍ରରେ ବିନିଯୋଗ ହିଁ ଯୁବକଙ୍କ ପାଇଁ ବିନିଯୋଗ। ଯୁବକଙ୍କ କ୍ଷେତ୍ରରେ ବିନିଯୋଗ ହେଉଛି ଭବିଷ୍ୟତ ପାଇଁ ବିନିଯୋଗ। ଏହି ପ୍ରକାର ସହଯୋଗ ମାଧ୍ୟମରେ ଶିକ୍ଷା ବ୍ୟବସ୍ଥାରେ ଫୁଟବଲ୍‌କୁ ଅନ୍ତର୍ଭୁକ୍ତ କରିବା ତୃଣମୂଳସ୍ତରରେ ଛାତ୍ରଛାତ୍ରୀଙ୍କ ପାଇଁ ଫୁଟବଲ୍ ପ୍ରତି ଆଗ୍ରହ ବୃଦ୍ଧି ପାଇବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ଗତ ଦୁଇ ଦଶନ୍ଧି ଧରି କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ବ୍ୟାପକ ପ୍ରୋତ୍ସାହନ ପାଇଁ ପ୍ରୟାସ କରି ଆସିଥିବା କିଟ୍ ଓ କିସ୍‌ର ଭୂୟସୀ ପ୍ରଶଂସା କରିଥିଲେ ମୁଖ୍ୟମନ୍ତ୍ରୀ।ଡ. ଗଗର୍ କହିଲେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ବ୍ୟାପକ ଭାବେ ପ୍ରୋତ୍ସାହନ ଯୋଗାଇ ଦେଇ ସମଗ୍ର ଦେଶରେ ଉଦାହରଣ ସୃଷ୍ଟି କରିଛନ୍ତି। କ୍ରୀଡ଼ା କ୍ଷେତ୍ରରେ ଡ. ଅଚ୍ୟୁତ ସାମନ୍ତଙ୍କ ଅବଦାନର ଭୂୟସୀ ପ୍ରଶଂସା କରି ସେ କହିଲେ ଶ୍ରୀ ସାମନ୍ତ ବ୍ୟାପକ କ୍ରୀଡ଼ା ଭିତ୍ତିଭୂମି ସୃଷ୍ଟି କରିବା ସହ କ୍ରୀଡ଼ାବିତ୍‌ଙ୍କୁ ଯେଉଁ ପ୍ରୋତ୍ସାହନ ଯୋଗାଇ ଦେଇଛନ୍ତି। ସେଥିପାଇଁ ଆଜି କିଟ୍ ଓ କିସ୍‌ର କ୍ରୀଡ଼ାବିତ୍ ଭାରତକୁ ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ଗୌରବ ଆଣିଦେଉଛନ୍ତି। ଭାରତରେ ଫିଫାର ଏଭଳି ପ୍ରୟାସ ପ୍ରଥମ ବୋଲି ଡ. ଗଗର୍ କହିଥିଲେ। କ୍ରୀଡ଼ାକୁ ପ୍ରୋତ୍ସାହନ କ୍ଷେତ୍ରରେ ବୈପ୍ଳବିକ ପ୍ରୟାସ ପାଇଁ ଫିଫାର ସଭାପତି ଇନ୍‌ଫାଣ୍ଟିନୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅଭିନନ୍ଦନ ଜଣାଇ କହିଲେ, ସମଗ୍ର ବିଶ୍ୱରେ ପ୍ରଥମ ଥର ଲାଗି ଭାରତର ଓଡ଼ିଶାରେ ଫୁଟବଲ୍ ଫର ସ୍କୁଲ୍ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହେଉଥିବାରୁ ଆମେ ଅତ୍ୟନ୍ତ ଆନନ୍ଦିତ। ଫୁଟ୍‌ବଲ୍ ଫର୍ ସ୍ପୋର୍ଟ୍‌ସ ହେଉଛି ଏଭଳି ଏକ କାର୍ଯ୍ୟକ୍ରମ ଯାହା ଫୁଟବଲ୍ ଓ ଶିକ୍ଷାକୁ ଏକାଠି କରିଥାଏ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଫନ୍ ଫୁଟ୍‌ବଲ୍ ଛାତ୍ରଛାତ୍ରୀଙ୍କୁ ଜୀବନ କୌଶଳ ଶିଖିବାରେ ଆଗ୍ରହ ସୃଷ୍ଟି କରିବ ବୋଲି ସେ କହିଥିଲେ। ଉଦ୍‌ଘାଟନୀ ଉତ୍ସବର ଅଧ୍ୟକ୍ଷତା କରି ଶ୍ରୀ ସାମନ୍ତ କହିଲେ, ଫିଫା ସଭାପତିଙ୍କ ଏହି ବୈପ୍ଳବିକ ପ୍ରୟାସ ଭାରତରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଫୁଟ୍‌ବଲ୍ ପ୍ରତି ଆଗ୍ରହ ସୃଷ୍ଟି କରିବ। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ କିଟ୍ ଓ କିସ୍ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ, ଏହି କାର୍ଯ୍ୟକ୍ରମ ଆରମ୍ଭ ସକାଶେ ଦୀର୍ଘ ଦେଢ଼ବର୍ଷ ହେଲା ଶ୍ରୀ ସାମନ୍ତ ଫିଫା ସଭାପତିଙ୍କ ଯୋଗାଯୋଗରେ ଥିଲେ। କରୋନା ମହାମାରୀ ଯୋଗୁଁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇପାରି ନଥିଲା। ଗତ ୨୫ ତାରିଖରୁ ଫିଫା ପକ୍ଷରୁ ଟ୍ରେନିଂ ଫର୍ ଟ୍ରେନର ଆରମ୍ଭ ହୋଇଛି। ଏଥିରେ ରାଜ୍ୟର ୧୦୦ଟି ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଏବଂ କିଟ୍ ଓ କିସ୍‌ର ୧୦୦ଜଣ ଫୁଟବଲ୍ ଖେଳାଳି ଯୋଗ ଦେଇଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ସସ୍ମିତାରାଣୀ ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।


## Accommodation Wanted

Required independent single /double / Triple Storeyed building for Office purpose. IRC Village, NAYAPALLI Location is Prefered Intrested House Owner can contact on the following Number 9437588705 (Mob) Or Email house details, contact number etc on pabitrasamantry@gmail.com

## APPOINTMENT

THE KALINGA CHRONICLE
Popular people's Daily of Odisha
ପର୍ଯ୍ୟବେକ୍ଷକ
PARYABEKHYAK
Visit at:- www.pabitramohansamantaray.in

**Paryabekhyak and The Kalinga Chronicle Group need**

1. **DTP Operator & Layout designer** (English and Odiya)
   2-5 years experience in **Photoshop** and **Coreldraw**
2. **Accountant**
   B. Com. with knowledge in latest Tally version
3. **Advertisement Executive**
   2-5 years experience in Sale, Advertisement and Space Marketing
4. **Reporters** in Block, Sub-division & District level
   Minimum Graduate with 2-5 years experiences in fieled reporting
   (Diploma/Degree in Journalism preferred)

Send your bio-data within 15 days on email id:
**paryabekhyak@gmail.com**
**kalingachronicle@gmail.com**
**Whatsapp on: 9853400829**
**Visit at : www.paryabekhyak.com**
**www.thekalingachronicle.com**

**Paryabekhyak Odisha & Kalinga Chronicle TV**

1. **Visual Editor**
   2 to 5 years experience (Premier and FCP)
2. **Word Press**
   Developer-cum-Social Media Manager
   2 to 5 years experience in Managing Odia and English News Website, You tube and Social Media Platform
3. **Business Development Manager** (Sales & Marketing)
   3 to 5 years experience
4. **Bulletin Producer**
   3 to 5 years experience
5. **News Reader/ Content writer/ Anchor**
6. **Reporters at Panchyat/City** (NAC & Muncipality) / Block/ Tahasil / Sub-Division/ District Level)
   2 to 3 years experience in field Reporting
   Diploma/Degree in Digital and Broadcast Journalism Prefered

Mail your resume on
**Paryabekhyak Odisha@gmail.com**
**Kalinga Chronicle TV@gmail.com**
**Whatsapp on: 9437588705**
**Visit at :www.paryabekhyakodisha.in**
**www.kalingachronicletv.in**









# ଟି ଟାଇମ୍

## ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱ୍ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

## ଭାଇଜାନ୍‌ଙ୍କ ଚମକ

୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କିନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ ।

## ପୁରାଣ କାହାଣୀ

# କୁଟୁମ୍ବେଶ୍ୱର ମହାଦେବଙ୍କ ମହାତ୍ମ୍ୟ



ସଂସାର ହିତ ଲାଗି ସୋମବତୀ ଅମାବାସ୍ୟା କୁଟୁମ୍ବେଶ୍ୱର ଲିଙ୍ଗଙ୍କୁ ଦର୍ଶନ କଲେ କୁଟୁମ୍ବ ବୃଦ୍ଧି ପାଇବା ସହ ସମସ୍ତ ପାପ ଦୂର ହୋଇଥାଏ । ରବିବାର, ସୋମବାର, ଅଷ୍ଟମୀ, ଚତୁର୍ଦ୍ଦଶୀ ତଥା ସୋମବତୀ ଦିନ ଶିପ୍ରା ନଦୀରେ ସ୍ନାନ କରି କୁଟୁମ୍ବେଶ୍ୱରଙ୍କୁ ଦର୍ଶନ କଲେ ସୁଫଳ ମିଳିଥାଏ । ଏହାସହ ସ୍କନ୍ଦ ପୁରାଣରେ କୁଟୁମ୍ବେଶ୍ୱରଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି । ଏକଦା ଦେବତା ଓ ରାକ୍ଷସ ସମୁଦ୍ର ମନ୍ଥନ କରୁଥିବା ବେଳେ ବିଷ ଉତ୍ପନ୍ନ ହେଲା । ଏହାଦେଖି ରାକ୍ଷସ ଓ ଦେବତାମାନେ ବିଚଳିତ ହୋଇ ଉଠିଲେ । ସେମାନେ ଭଗବାନ ଶିବଙ୍କ ନିକଟକୁ ଯାଇ ସମସ୍ତ କଥା ପ୍ରକାଶ କରି ବିଷକୁ ଦୂର କରିବା ଲାଗି ପ୍ରାର୍ଥନା କଲେ । ମହାଦେବ ସମସ୍ତ କଥା ଶୁଣିବା ପରେ ମୟୂର ରୂପ ଧାରଣ କରି ସେହି ବିଷକୁ ପାନ କରିବା ଦ୍ୱାରା ତାଙ୍କ କଣ୍ଠ ନୀଳ ପଡିଗଲା । କିନ୍ତୁ ମହାଦେବ ଏହି ବିଷକୁ ଦୂର କରିବା ଲାଗି ଶିପ୍ରା ନଦୀକୁ ଆଦେଶ ଦେଲେଯେ ଏହି ବିଷକୁ ନେଇ ସେ ମହାକାଳ ବଣରେ ଥିବା କାମେଶ୍ୱରସ୍ଥିତ ଏକ ଲିଙ୍ଗ ଉପରେ ଚଢ଼ାଇ ଦିଅ । ମା' ଶିପ୍ରା ନଦୀ ଉକ୍ତ ବିଃକୁ ନେଇ ଲିଙ୍ଗ ଉପରେ ଢ଼ାଳିଦେଲେ । ବିଷର ପ୍ରଭାବରେ ଯେଉଁ ପ୍ରାଣୀ ତାଙ୍କୁ ଦର୍ଶନ କରୁଥିଲେ ସେମାନେ ମୋକ୍ଷ ପ୍ରାପ୍ତ କରୁଥିଲେ । କିଛି ବ୍ରାହ୍ମଣ ତୀର୍ଥ ଯାତ୍ରା କରିବା ଲାଗି ଏହି ଲିଙ୍ଗ ନିକଟକୁ ଆସି ଦର୍ଶନ କଲେ । ଦର୍ଶନ ଫଳରେ ସମସ୍ତ ବ୍ରାହ୍ମଣ ଦେହତ୍ୟାଗ କଲେ ଏହାଦ୍ୱାରା ତାଙ୍କ କୁଟୁମ୍ବ ଲୋପ ପାଇବାକୁ ଲାଗିଲା । ଏହା ଦେଖି କିଛି ବ୍ରାହ୍ମଣ ତାଙ୍କ କୁଟୁମ୍ବକୁ ବଞ୍ଚାଇବା ଲାଗି ଭଗବାନ ଶିବଙ୍କୁ ପ୍ରାର୍ଥନା କଲେ ଉକ୍ତ ପ୍ରାର୍ଥନାକୁ ସ୍ୱୀକାର କରି ମହାଦେବ କହିଲେ ରାଜା ଲକୁଲିଶ ଏହି ଲିଙ୍ଗକୁ ଦର୍ଶନ କଲେ ବିଷର ପ୍ରଭାବ ଆପେ ଆପେ ଦୂର ହୋଇଯିବ । ଏହି ଲିଙ୍ଗକୁ କୁଟୁମ୍ବେଶ୍ୱର କୁହାଯିବ କହି ମହାଦେବ ଅନ୍ତର୍ଦ୍ଧାନ ହୋଇଗଲେ ସେବେଠାରୁ ଏହି ଲିଙ୍ଗର ନାମ କୁଟୁମ୍ବେଶ୍ୱର ରହି ଆସିଛି ।

# ୫୦୦ କୋଟି ବନାମ ୫୦୦ଟଙ୍କା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ। ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା। ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି। ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ। ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେର୍କ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍ ପରମାର୍ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍ କରିଥିଲେ କମ୍ପ୍ୟୁଟର ଇନିୟର ଭାରତ ମାରୁଙ୍କ ସହ। ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା। ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍ ଧୂମ୍‌ଧାମରେ ବିବାହ କରାଯିବ। ମାତ୍ର ୮ ତାରିଖରେ ୫୦୦ ଓ ୧୦୦୦ ଟଙ୍କିଆ ଅଚଳ ଉପରେ ଭାଷଣ ଶୁଣିବା ପରେ ଚିନ୍ତାରେ ଆସିଯାଇଥିଲେ ଉଭୟ ପରିବାର। ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର। ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ କରିଥିଲେ। କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ। ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ। ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା। କିନ୍ତୁ ବାରମ୍ବାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ। ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ। ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା। ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ। କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ। ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ହୋଇଥିଲା ବିବାହ। ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା। ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି। ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି।

# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ । ଏଠାରେ ଆପଣଙ୍କୁ ଭଲ ପାଉଥିବା ମାତା-ପିତା ମଧ୍ୟ ମିଳିଥାନ୍ତି । ଏହା ବ୍ୟତୀତ ଏହା ଏପରି ଏକମାତ୍ର ୱେବ୍‌ସାଇଟ୍ ଯାହା ଅନ୍ତଃବସ୍ତ୍ରକୁ ଭଡ଼ାରେ ଦେଇଥାଏ । ଯଦି ଆପଣ ଆପଣଙ୍କର ବୋରିଂନେସ୍‌କୁ ଦୂର କରିବାକୁ ଚାହୁଁଛନ୍ତି ତେବେ ଆବଶ୍ୟକ ହେଲେ ଏକ ଛୋଟ ସୁନ୍ଦର ଶିଶୁ ସହିତ ମଧ୍ୟ ସମୟ ଅତିବାହିତ କରିପାରିବେ । ଯଦି ଆପଣଙ୍କ ପାଖରେ ସମୟ ନାହିଁ କିମ୍ବା ଆପଣ ପିଲାଙ୍କ ସ୍କୁଲ ଘରପାଠ କରିବାରେ ସାହାଯ୍ୟ କରି ପାରୁନାହାନ୍ତି ତେବେ ଏହି ୱେବ୍‌ସାଇଟଟି ଆପଣଙ୍କ ପାଇଁ ଏପରି ଏକ ବ୍ୟକ୍ତି ଠିକ୍ କରିଦେବେ ଯିଏ ଆପଣଙ୍କ ପିଲାର ଘରପାଠ କରିବାରେ ମଧ୍ୟ ସାହାଯ୍ୟ କରିବ ।

## ଆଜିର ଭାଗ୍ୟ

**ମେଷ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

**ବୃଷ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**ମିଥୁନ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**କର୍କଟ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ସିଂହ** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**କନ୍ୟା** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ତୁଳା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ବିଛା** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**ଧନୁ** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ମକର** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**କୁମ୍ଭ** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**ମୀନ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

# ମୃତ୍ୟୁକୁ ନେଇ ଆତଙ୍କ



ଭୟଙ୍କର ଗାଁ ନାମ ଶୁଣିବା କ୍ଷଣି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ। କ'ଣ ପାଇଁ ଗାଁର ଏପରି ବିଚିତ୍ର ନାମ ରହିଛି ? ଏହା ପଛରେ ରହସ୍ୟ କ'ଣ ଜାଣିବାକୁ ମଧ୍ୟ ଜିଜ୍ଞାସା ଯାତ ହୋଇଥାଏ। ପଞ୍ଜାପୁରର ବଡଗାଁ ଭୟଙ୍କର ଗ୍ରାମ ଭାବେ ପ୍ରସିଦ୍ଧ। ଏହି ଗ୍ରାମରେ ଆଜିକୁ ୨୨ ବର୍ଷ ତଳେ ଜଣେ ବ୍ୟକ୍ତିର ମୃତୁ ଘଟିଥିଲା। ବାଶ୍ ତା' ପରେ ବିଗତ ୨୨ ବର୍ଷର ଠାରୁ ପ୍ରତି ଦଶ ଦିନ ଅନ୍ତରରେ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କର ମୃତ୍ୟୁ ହେବାରେ ଲାଗିଛି। ଗ୍ରାମବାସୀମାନେ କେବଳ ଚିନ୍ତାରେ ରହିଥାନ୍ତି ଯେ, କାହାର ମୃତ୍ୟୁ ଘଟିଲା ଏବଂ ଏବେ ଆଉ କାହାର ପାଳି ପଡିବ। ଏହାକୁ ଗ୍ରାମବାସୀଙ୍କ ଦୁର୍ଭାଗ୍ୟ କୁହାଯିବ ନା ଅନ୍ଧବିଶ୍ୱାସ ନା ଆଉ କିଛି ? ବରିଷ୍ଠ ବ୍ୟକ୍ତି, ଡାକ୍ତର ଓ ଶିକ୍ଷକ ଏସବୁ ବିଶ୍ୱାସ କରିବାକୁ ବାଧ । କିଛି ରୋଗ ନଥାଇ ଆଖି ସାମନାରେ ଭଲ ଲୋକଙ୍କର ଏଠାରେ ମୃତ୍ୟୁ ହେବାରେ ଲାଗିଛି ।




# ବାଙ୍ଗଲାଦେଶରେ ହିନ୍ଦୁମାନଙ୍କୁ ଆକ୍ରମଣରୁ ସୁରକ୍ଷା ପାଇଁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଶ୍ୱହିନ୍ଦୁ ପରିଷଦର ସ୍ମାରକପତ୍ର




କେନ୍ଦ୍ରାପଡ଼ା (ପିଏନ୍): ବାଙ୍ଗଲାଦେଶରେ ହିନ୍ଦୁମାନଙ୍କ ଉପରେ ଚାଲିଥିବା ବର୍ବୋରଚିତ ଆକ୍ରମଣରୁ ସେମାନଙ୍କୁ ସୁରକ୍ଷା ପ୍ରଦାନ କରାଯିବାକୁ କେନ୍ଦ୍ରାପଡା ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ଗତ ଶୁକ୍ରବାର ପ୍ରଦାନ କରାଯାଇଛି। ସେହି ସ୍ମାରକପତ୍ରରେ ଉଲ୍ଲେଖ ରହିଛି ଯେ ସେଠାରେ ହିନ୍ଦୁମାନଙ୍କ ଧନସମ୍ପତ୍ତି ଓ ମା, ଝିଅ ଏବଂ ବୋହୂଙ୍କ ଇଜ୍ଜତ ସୁରକ୍ଷିତ ନୁହେଁ। ମା’ଦୁର୍ଗାଙ୍କ ମଣ୍ଡପ ଏବଂ ହିନ୍ଦୁ ମନ୍ଦିର ସବୁ ମଧ୍ୟ ସୁରକ୍ଷିତ ରହିପାରିଲା ନାହିଁ। ମନ୍ଦିରରେ ବଳ ପୂର୍ବକ ପ୍ରବେଶ କରି ଭଗବାନଙ୍କ ମୂର୍ତ୍ତି ସବୁ ଭାଙ୍ଗିବା ସହ ଛୋଟ ଛୋଟ ନାବାଳିକାଙ୍କୁ ଦୁଷ୍କର୍ମ, ହତ୍ୟା, ଲୁଟ ତରାଜ ଓ ଅଗ୍ନିକାଣ୍ଡ ଭଳି ଅତ୍ୟାଚାର କରାଯାଇଛି। ଯେବେ ଠାରୁ ଆଫଗାନିସ୍ଥାନରେ ବର୍ବର ତାଲିବାନୀମାନଙ୍କର ଶାସନ ଆରମ୍ଭ ହେଲା ସେହି ଦିନଠାରୁ ଅନ୍ୟ ପଡୋଶୀ ଦେଶମାନଙ୍କରେ ମଧ୍ୟ ଜେହାଦୀ ଆତଙ୍କବାଦୀମାନଙ୍କର ଆକ୍ରମଣ ନିରନ୍ତର ଭାବେ ବୃଦ୍ଧି ପାଇଛି। କେବଳ ଦୁର୍ଗାପୂଜା ସମୟରେ ହିଁ ବାଙ୍ଗଲାଦେଶରେ ୨୪ଟି ଜିଲ୍ଲାରେ ହିଂସା ଘଟଣାମାନ ଘଟିଛି। ୧୫୦ଟିରୁ ଉର୍ଦ୍ଧ୍ୱ ଦୁର୍ଗାପୂଜା ମଣ୍ଡପକୁ ଅପବିତ୍ର କରାଯାଇ ନଷ୍ଟଭ୍ରଷ୍ଟ କରିଦିଆଯାଇଛି। ଐଥରସହିତ ଅନେକ ମନ୍ଦିରକୁ ମଧ୍ୟ ଧ୍ୱସ୍ତବିଧ୍ୱସ୍ତ କରିଦିଆଯାଇଛି। ଅନେକ ଘର,ଦୋକାନ ଓ ଧର୍ମାନୁଷ୍ଠାନମାନଙ୍କରେ ହିଂସା, ଜଳାପୋଡା ଓ ଲୁଟତରାଜର ତାଣ୍ଡବଲୀଳା ହୋଇଛି ଯାହା ଅବର୍ଣ୍ଣନୀୟ। ପ୍ରାୟ ୧୦/୧୨ଜଣ ହିନ୍ଦୁଙ୍କର ପ୍ରାଣହାନୀ ଘଟିଛି। ଏସବୁ ଘଟଣା ପରେବି ବାଙ୍ଗଲାଦେଶ ସରକାର ଆଖିବୁଜି ବସିଥିବା ବିଶ୍ୱହିନ୍ଦୁ ପରିଷଦ ଅଭିଯୋଗ କରିଛି। ଏଣୁ ରାଷ୍ଟ୍ରପତି ଏହି ଘଟଣାରେ ହସ୍ତକ୍ଷେପ କରି ହିନ୍ଦୁମାନଙ୍କ ଉପରେ ହେଉଥିବା ଆକ୍ରମଣ ଓ ଅତ୍ୟାଚାରକୁ ବନ୍ଦ କରିବା ପାଇଁ କଠୋର ପଦକ୍ଷେପ ଗ୍ରହଣ କରିବା ସହ ବାଙ୍ଗଲାଦେଶ ସରକାର ଉପରେ ଚାପ ପ୍ରୟୋଗ କରିବାକୁ କେନ୍ଦ୍ରାପଡା ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଦାବି କରାଯାଇଛି। ରଜନୀକାନ୍ତ ପଣ୍ଡା, କାହ୍ନୁ ଚରଣ ପଣ୍ଡା, ସୁଶାନ୍ତ ପଣ୍ଡା, ସଞ୍ଜୟ ଓଝା, ସଞ୍ଜିତ ସ୍ୱାଇଁ, ବୀରେନ୍ଦ୍ର ସାମଲ, ଜଗନ୍ନାଥ ସ୍ୱାଇଁ, ସୌମ୍ୟରଞ୍ଜନ ଲେଙ୍କା, ମାନସ ସେଠୀ, ଶୁଭାଂଶୁ ଶେଖର ରାଉତ, ଶୁଭାଶିଷ ବେହେରା, ବିଶ୍ୱଜିତ ଜେନା, ସମ୍ବିତ ସାମଲ, ହିମାଂଶୁ ରାଉତ, ସାଗର କୁମାର ସାହୁ, ସୁଜିତ କୁମାର ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ଆମ ଭାରତୀୟ ସଂସ୍କୃତି ଓ ପରମ୍ପରା

ଏକଥା କହିବା ନିଷ୍ପ୍ରୟୋଜନ ଯେ ଆମ ଭାରତୀୟ ସଂସ୍କୃତି ସର୍ବଦା ପୂଜ୍ୟପୂଜାକୁ ଅଗ୍ରାଧିକାର ଦେଇ ଆସିଛି। ଏହାର ବ୍ୟତିକ୍ରମ ହେଲେ କି ପ୍ରକାର ବିଷମୟ ଫଳ ମିଳିଥାଏ ତାହାର ବହୁଳ ଦୃଷ୍ଟାନ୍ତ ଆମ ପରମ୍ପରା ଏବଂ ସାହିତ୍ୟରେ ଉପଲବ୍ଧ। ପିତା, ମାତା, ଗୁରୁ, ଆଚାର୍ଯ୍ୟ, ଋଷି, ଦେବତା ଏବଂ ଆତ୍ମମାନଙ୍କଠାରୁ ଜ୍ୟେଷ୍ଠ ଓ ଶ୍ରେଷ୍ଠମାନେ ସର୍ବଦା ପୂଜ୍ୟାସ୍ପଦ। କାୟମନୋବାକ୍ୟରେ ଏମାନଙ୍କୁ ସମ୍ମାନ ପ୍ରଦର୍ଶନରେ ଅବହେଳା କରାଯିବା ଅନୁଚିତ। ଏହା ହିଁ ଆମ ମହାନ୍ ପରମ୍ପରା ଓ ସଂସ୍କୃତିର ବାର୍ତ୍ତା। ଏହି ପୂଜ୍ୟମାନଙ୍କୁ ଥଟ୍ଟାପରିହାସ କରିବା, ଛଳନା ବା କପଟ କରିବା, ବେଶଭୂଷାରେ ବ୍ୟଙ୍ଗ କରିବା, ପ୍ରଣାମ ନ କରିବା, ଆସନ ଅର୍ଘ୍ୟ ପ୍ରଭୃତି ପ୍ରଦାନ ନ କରିବା ହିଁ ପୂଜ୍ୟପୂଜାର ବ୍ୟତିକ୍ରମ ବୋଲି ବିଚାର କରାଯାଏ। ମହାକବି କାଳିଦାସଙ୍କ ‘ଅଭିଜ୍ଞାନଶାକୁନ୍ତଳମ୍’ ନାଟକରେ ଏହିପରି ଗୋଟିଏ ଦୃଶ୍ୟର ପରିକଳ୍ପନା କରିଛନ୍ତି। ଶକୁନ୍ତଳା ନିଜର ପ୍ରଣୟୀ ଦୁଷ୍ମନ୍ତଙ୍କ ପ୍ରଣୟ ଚିନ୍ତାରେ ନିମଗ୍ନ ଥିବାବେଳେ ଆଶ୍ରମ ମଧ୍ୟକୁ ପ୍ରବେଶ କରିଛନ୍ତି ଋଷି ଦୁର୍ବାସା। ଅତିଥିଙ୍କ ଆଗମନରେ ଗୃହସ୍ଥ ଆସନ ତେଜି ତାଙ୍କୁ ସ୍ୱାଗତ କରିବା କଥା। ମାତ୍ର ପ୍ରଣୟମଗ୍ନା ଶକୁନ୍ତଳା ଦୁର୍ବାସାଙ୍କ ଆଗମନ କଥା ଜାଣିପାରିଲେ ନାହିଁ। ଆଶ୍ରମରେ ପୂଜ୍ୟପୂଜାର ଏପରି ବ୍ୟତିକ୍ରମରେ କ୍ରୋଧିତ ହେଲେ ଦୁର୍ବାସା। ଶକୁନ୍ତଳାଙ୍କର ଅନ୍ୟମନସ୍କତାର କାରଣ ଜାଣିପାରି ତାଙ୍କୁ ଅଭିଶାପ ଦେଲେ, ଯାହା କବି ଗଙ୍ଗାଧରଙ୍କ ଭାଷାରେ–‘ଘେନ ପୂଜ୍ୟ-ପୂଜା ବ୍ୟତିକ୍ରମ-ଫଳ ଯା’ଠାରେ ରଖିଛୁ ଲୟ, ସେ ତୋତେ ଚିହ୍ନିବ ନାହିଁଟି ଦେଲେ ହେଁ ଆପଣାର ପରିଚୟ।’ ଦୁର୍ବାସାଙ୍କ ଅଭିଶାପର ପରିଣତି ହେଲା ବିଷମୟ। ଦୁଷ୍ମନ୍ତଙ୍କୁ ପତିରୂପେ ପାଇବା ପାଇଁ ଶକୁନ୍ତଳାଙ୍କୁ ଅନେକ ଦୁଃଖ ଯନ୍ତ୍ରଣା ସହ୍ୟ କରିବାକୁ ପଡିଲା। ମହାଭାରତ ଯୁଦ୍ଧପରେ ଶ୍ରୀକୃଷ୍ଣ ବଂଶଧରମାନେ ଉଚ୍ଛୃଙ୍ଖଳ ହୋଇପଡିଲେ। ସେମାନଙ୍କଠାରେ ପୂଜ୍ୟପୂଜାର କର୍ତ୍ତବ୍ୟବୋଧ ଆଉ ରହିଲା ନାହିଁ। ଥରେ ଅଷ୍ଟାବକ୍ର ଋଷି ଓ ତାଙ୍କର ଦୁଇ ଶିଷ୍ୟ ଶ୍ରୀକୃଷ୍ଣଙ୍କୁ ସାକ୍ଷାତ୍ କରିବାକୁ ଆସିଥିବାବେଳେ ଯାଦବମାନେ ଶାମ୍ବଙ୍କୁ ଗୋଟିଏ ଗର୍ଭବତୀ ନାରୀବେଶରେ ସଜାଇ ଋଷିମାନଙ୍କ ସମ୍ମୁଖରେ ଉପସ୍ଥାପନ ପୂର୍ବକ ପଚାରିଲେ, “ମୁନିବର, ଏ ନାରୀଙ୍କ ଗର୍ଭରୁ ପୁତ୍ର ନା କନ୍ୟା ଜାତ ହେବ ଦୟାକରି କୁହନ୍ତୁ!” ଋଷି ନିଜର ଦିବ୍ୟଜ୍ଞାନ ବଳରେ ଯାଦବମାନେ ତାଙ୍କୁ ପରିହାସ କରୁଛନ୍ତି ବୋଲି ଜାଣିପାରି ଅଭିଶାପ ଦେଇ କହିଲେ, “ଏହି ନାରୀ ଗର୍ଭରୁ ଏକ ଲୌହମୂଷଳ ଜନ୍ମଲାଭ କରି ତୁମ ବଂଶନିପାତ କରିବ।” ମୁନିବାକ୍ୟ ସତ୍ୟରେ ପରିଣତ ହେଲା। ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶକ୍ରମେ ଭୀମ ସେହି ମୂଷଳକୁ ପଥରରେ ଘଷି ନଷ୍ଟ କରିବାକୁ ଚେଷ୍ଟା କଲେ। ମାତ୍ର ଲୁହାଖଣ୍ଡର ଶେଷ ଅଂଶକୁ କ୍ଷୟ କରି ନ ପାରି ସମୁଦ୍ରକୁ ଫିଙ୍ଗିଦେଲେ। ଯାଦବମାନେ କାଦମ୍ବରୀ ରସ ପାନକରି ପରସ୍ପର ମଧ୍ୟରେ ଯୁଦ୍ଧକରି ମୃତ୍ୟୁବରଣ କରିବାପରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ସେହି ଲୌହମୂଷଳରେ ନିର୍ମିତ ଶରାଘାତରେ ଇହଲୀଳା ସମ୍ବରଣ କଲେ। ପୂଜ୍ୟମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ ନ କରି ତାଙ୍କୁ ଥଟ୍ଟା ପରିହାସ କଲେ ତାହାର ପରିଣତି କିପରି ବିଷମୟ ହୁଏ, ଏହାର ବହୁଳ ଦୃଷ୍ଟାନ୍ତ ଥିଲେ ମଧ୍ୟ ଆମ ଯୁବଗୋଷ୍ଠୀ ସେହି ଯାଦବମାନଙ୍କ ପରି ମହାନ୍ ପରମ୍ପରାକୁ ଭୁଲିଯାଉଛନ୍ତି। ନିକଟରେ ହୋଇଥିବା ଗଣେଶପୂଜାର ରୀତିନୀତିରୁ ତାହାର ସଦ୍ୟ ପ୍ରମାଣ ମିଳିଛି। ଗଣେଶ ପୂଜା ନାଁରେ ଆୟୋଜକମାନେ ଯେମିତି ଗଣେଶଙ୍କ ବିକୃତ ରୂପାକୃତି କରୁଛନ୍ତି ତାହା ଦେଖିଲେ ମନେହେଉଛି ଏମାନେ ପୂଜା ନାଁରେ ସତେଯେମିତି ରୀତିମତ ଏକ ପ୍ରହସନ ଆରମ୍ଭ କରିଦେଇଛନ୍ତି। ଧୀର ଶାନ୍ତ ତଥା ସ୍ଥିର ଚିତ୍ତରେ ପୂଜାର୍ଚ୍ଚନା କରିବା ପାଇଁ ଆମ ପରମ୍ପରା ଆମକୁ ଶିକ୍ଷା ଦେଇଛି। କିନ୍ତୁ ଏବେ ଆମ ଭକ୍ତମାନେ କେତେ ଉଚ୍ଚସ୍ୱରରେ ବାଜା ବାଜିପାରିବ, କେତେ କେତେ ନାଚ ହୋଇପାରିବ, କେତେ ବଡମୂର୍ତ୍ତି ହୋଇପାରିବେ, କେତେ ବଡ ତୋରଣ ହୋଇପାରିବ ଇତ୍ୟାଦି ତାମସିକ କାର୍ଯ୍ୟ ଉପରେ ଗୁରୁତ୍ୱ ଦେଉଛନ୍ତି। ପରିସ୍ଥିତି ଏମିତି ହେଉଛି ଯେ ପୂଜା ମଣ୍ଡପଠାରୁ ପ୍ରାୟ ଅଧା କିଲୋମିଟର ଦୂର ପର୍ଯ୍ୟନ୍ତ ଲୋକମାନେ ପୂଜାର୍ଚ୍ଚନା କରିବା ତ’ ଦୂରର କଥା ଶାନ୍ତିରେ ମଧ୍ୟ ଶୋଇପାରୁନାହାନ୍ତି। ଗଣେଶଙ୍କ ପ୍ରତିକୃତିକୁ ନିତାନ୍ତ ବ୍ୟଙ୍ଗାତ୍ମକ ଢଙ୍ଗରେ ଗଠନ କରି ଆଧୁନିକ ଭକ୍ତମାନେ ଯେଉଁ ପରମ୍ପରା ସୃଷ୍ଟି କରୁଛନ୍ତି ତାହା ଅତ୍ୟନ୍ତ ପରିତାପର ବିଷୟ। କେବଳ ଗଣେଶ ନୁହନ୍ତି, ସରସ୍ୱତୀ, ଲକ୍ଷ୍ମୀ ଓ ଅନ୍ୟାନ୍ୟ ଦିଅଁଦେବତାଙ୍କୁ ମଧ୍ୟ ଏପରି କାର୍ଟୁନ୍ କରାଯାଉଥିବା ଦେଖାଯାଉଛି। କେଉଁଠି ଗଣେଶଙ୍କୁ ପୋଲିସ୍ ବେଶରେ ଠିଆ କରାଇ ଦିଆଯାଇଛି ତ’ କେଉଁଠି ତାଙ୍କ ହାତରେ ବ୍ୟାଟ୍ ବଲ୍ ଧରାଇ ଦିଆଯାଉଛି। ଗତବର୍ଷ ଗୋଟିଏ କ୍ଲବ୍‌ର ସଦସ୍ୟମାନେ ସାଇବାବାଙ୍କ କୋଳରେ ଗଣେଶଙ୍କୁ ଗୋଟିଏ ଶିଶୁପୁତ୍ର ଭାବରେ ଶୁଆଇଦେଇ ଚର୍ଚ୍ଚାର ପରିବେଶ ସୃଷ୍ଟି କରିଛନ୍ତି। ସେମାନଙ୍କର ସାମାନ୍ୟତମ ଜ୍ଞାନୋଦୟ ହେଲାନାହିଁ ଯେ ଗଣେଶ ସାଇବାବାଙ୍କ ବହୁପୂର୍ବରୁ ଏକ ପୌରାଣିକ ଚରିତ୍ର ଭାବରେ ହିନ୍ଦୁ ସମାଜରେ ପୂଜାପାଇ ଆସୁଛନ୍ତି। ତାଙ୍କୁ ସାଇବାବାଙ୍କ କୋଳରେ ଶିଶୁପୁତ୍ର ଭାବରେ ଶୁଆଇବାର ଦୃଶ୍ୟ ନିତାନ୍ତ ଅପ୍ରାସଙ୍ଗିକ। ଏପରି ରୂପରେଖ ଦେଇ ସେମାନେ ସମାଜକୁ କି ବାର୍ତ୍ତା ଦେବାକୁ ରହନ୍ତି ବୁଝିହେଉନାହିଁ। ଅନ୍ୟପକ୍ଷରେ ଏହି ରୂପକଳ୍ପନା ପାରମ୍ପରିକ ବିଶ୍ୱାସର ବିରୋଧାଚରଣ କରୁଛି। କିଛି ଅନୁଷ୍ଠାନ ଚଳିତ ବର୍ଷ ଗଣେଶଙ୍କ ପେଟକୁ କଖାରୁ (ବୋଇତାଳୁ), ଥୋରପାହାରକୁ ଛଚିନ୍ଦା, ମୁଣ୍ଡକୁ ନଡିଆ ଇତ୍ୟାଦି ଆକୃତିରେ ମୂର୍ତ୍ତି ତିଆରି କରିଥିବାର ଦେଖାଯାଇଛି। କେହି କେହି କୁକୁଡାପର, ଶାମୁକା, କଉଡି ପ୍ରଭୃତିରେ ଗଣେଶଙ୍କ ପ୍ରତିକୃତି ନିର୍ମାଣ କରିଥିବା ମଧ୍ୟ ଦେଖାଯାଉଛି। ଏପରି ମୂର୍ତ୍ତି ତିଆରିକରି ସେମାନେ କିଛି ନୂଆକରି ଦେଖାଇଛୁ ବୋଲି ଖୁସି ହେଉଛନ୍ତି। କିନ୍ତୁ ହିନ୍ଦୁମାନଙ୍କର ଯୁଗଯୁଗ ଧରି ପୁଞ୍ଜିଭୂତ ବିଶ୍ୱାସ ଓ ଭକ୍ତିକୁ ସେମାନେ ପକ୍ଷାନ୍ତରେ ଭୂଲୁଣ୍ଠିତ କରିଛନ୍ତି ବୋଲି ବୋଧେ ଭୁଲିଯାଉଛନ୍ତି। ସରଳ ନିରାଡମ୍ବର ଶାନ୍ତକାନ୍ତ ମୂର୍ତ୍ତିଟିଏ ଦେଖିଲେ ମନରେ ଯେଉଁ ଭକ୍ତିଭାବନା ଆସେ ଏପରି ବିକୃତ ମାନସିକତାରେ ନିର୍ମିତ ମୂର୍ତ୍ତିଟିଏ ଦେଖି ସେପରି ଭକ୍ତି ଭାବନା ଆସିବ ନାହିଁ। ଅପରନ୍ତୁ ଏକ ବ୍ୟଙ୍ଗାତ୍ମକ ଧାରଣା ମନରେ ସୃଷ୍ଟିହେବ। ଆମ ବାପା ମା’ କି ଆତ୍ମୀୟ ସ୍ୱଜନଙ୍କର ପ୍ରତିକୃତିକୁ କେହି ଯଦି ଏପରି ବିକୃତ ରୂପଦେଇ ହାବିଲଦାର, ଚୌକିଦାର କିମ୍ବା ରାତ୍ରି ଜଗୁଆଳି ଭାବରେ ତିଆରିକରେ ଆମେ ତାକୁ ସହଜରେ ଗ୍ରହଣ କରିପାରନ୍ତୁ କି? କେହି କେହି ଯୁକ୍ତି କରୁଛନ୍ତି ସମାଜକୁ ନୂଆ ବାର୍ତ୍ତା ଦେବାପାଇଁ ଏପରି ନୂତନ ପ୍ରତିକୃତିର ପରିକଳ୍ପନା କରାଯାଇଛି। ପୋଲିସ୍ ଭାବରେ ଗଣେଶଙ୍କୁ ନିର୍ମାଣ କରିଲେ ଲୋକମାନଙ୍କ ମନରେ ଆଇନ ସଚେତନା ସୃଷ୍ଟିହେବ, କିମ୍ବା ଗଣେଶଙ୍କ ହାତରେ ବଲ୍ ଏବଂ ବ୍ୟାଟ୍ ଧରାଇଦେଲେ ଯୁବସମାଜ କ୍ରିକେଟ୍ କ୍ରୀଡା ପ୍ରତି ଆଗ୍ରହୀ ହେବେ। କିନ୍ତୁ ଏପରି ଯୁକ୍ତି ନିଜର ଅନୁର୍ବର ତଥା ଅବାଞ୍ଛିତ ଯୁକ୍ତିକୁ ପ୍ରତିଷ୍ଠା କରିବାର ଅସଫଳ ପ୍ରୟାସ ବ୍ୟତୀତ ଆଉକିଛି ନୁହେଁ। ବହୁ ପ୍ରାଚୀନ କାଳରୁ ହିନ୍ଦୁ ସମାଜ ପ୍ରତ୍ୟେକ ଦେବାଦେବୀଙ୍କୁ ନିଜର ନିର୍ଦ୍ଦିଷ୍ଟ ଅଭିଷ୍ଟ ସିଦ୍ଧି ପାଇଁ ପୂଜାର୍ଚ୍ଚନା କରିଆସିଛି। ଗଣେଶ ହେଉଛନ୍ତି ଆମ ଧର୍ମର ବିଘ୍ନବିନାଶକ ତଥା ବିଦ୍ୟାବୃଦ୍ଧି ପ୍ରଦାୟକ ଦେବତା; ତାଙ୍କୁ ଆଧୁନିକ ପୋଲିସ୍ ବା କ୍ରିକେଟ୍ ଖେଳାଳୀ ଭାବରେ ଏ ସମାଜ ଆରାଧନା କରେନାହିଁ। ଯଦି ସମାଜକୁ କିଛି ବାର୍ତ୍ତା ଦେବାକୁ ଅଛି ତେବେ ଗଣେଶଙ୍କ ପାର୍ଶ୍ୱରେ ସାମାଜିକ ଚରିତ୍ରଭିତ୍ତିକ କିଛି ମୂର୍ତ୍ତିକରି ଚେତନା ସୃଷ୍ଟି କରାଯାଇପାରେ। ତାହା କରାନଯାଇ ବହୁ ପ୍ରାଚୀନକାଳରୁ ପ୍ରଚଳିତ ଏକ ବିଶ୍ୱାସବୋଧକୁ କଣ୍ଠରୋଧ କରି ଆରାଧ୍ୟ ଦେବତାମାନଙ୍କୁ ବିକୃତ କରିବାର ଅର୍ଥ କ’ଣ? ଏ ଅଧିକାର ଆମେ କେଉଁଠୁ ପାଇଲେ। ସବୁଠାରୁ ଦୁଃଖର ବିଷୟ, ଏତେସବୁ ଘଟଣା ଆମ ଆଖିଆଗରେ ଘଟୁଥିଲେ ମଧ୍ୟ ଆମେମାନେ ନିରବ ରହିଛୁ। ଯେଉଁ ଅଞ୍ଚଳରେ ଏପରି ବ୍ୟଙ୍ଗାତ୍ମକ ମୂର୍ତ୍ତି ଗଠନ କରାଯାଇଛି ସେଠାକାର ବୁଦ୍ଧିଜୀବୀମାନେ କିପରି ନିରବ ରହୁଛନ୍ତି ତାହା ଆଶ୍ଚର୍ଯ୍ୟର ଘଟଣା; ହୁଏତ କାଦୁଅକୁ ପଶି ଗୋଡ ଧୋଇବା ଅପେକ୍ଷା ନିରବ ରହିବାକୁ ସେମାନେ ଅଧିକ ଶ୍ରେୟସ୍କର ମନେକରୁଛନ୍ତି। ମାତ୍ର ଏହାଦ୍ୱାରା ଗୋଟେ ଅସୁସ୍ଥ ପରମ୍ପରା ଯେ ଆମ ସମାଜରେ କାୟା ବିସ୍ତାର କରୁଛି। ଆହୁରି ଆଶ୍ଚର୍ଯ୍ୟ ଲାଗୁଛି କେତେକ ଗଣମାଧ୍ୟମ ଏପରି ବିକୃତ ମାନସିକତାକୁ ବିରୋଧ ନ କରି ତାକୁ ଅଧିକ ପ୍ରସାର କରୁଛନ୍ତି। ଏହାଦ୍ୱାରା ସେମାନେ ନିରୁତ୍ସାହିତ ହେବା ଅପେକ୍ଷା ଅଧିକ ଉତ୍ସାହିତ ହେଉଛନ୍ତି। କିଛି ଲୋକ ଭୁଲ୍ କରିବା ସ୍ୱାଭାବିକ ମାତ୍ର ସେମାନଙ୍କୁ ସୁଧାରି ନେବା ଆମ ସାମାଜିକ ଦାୟିତ୍ୱ ତେଣୁ ଏପରି ଏକ ଜାଗରଣ ସୃଷ୍ଟି ହେଉ, ତାହା ନ ହେଲେ ସମୟ ଆସିବ ଦୁନିଆ ଆଗରେ ହିନ୍ଦୁ ଧର୍ମର ଏହି ଆରାଧ୍ୟ ଦେବତାମାନଙ୍କର ପ୍ରକୃତ ସ୍ୱରୂପ ଆମ ଉତ୍ତର ପୁରୁଷମାନେ ଜାଣି ପାରିବେ ନାହିଁ। ଆମେମାନେ ମଧ୍ୟ ଅନ୍ୟମାନଙ୍କ ଦ୍ୱାରା ନିନ୍ଦିତ ହେବା । ଏ ସବୁ ମୂର୍ତ୍ତିଙ୍କୁ ନଦୀ, ପୁଷ୍କରିଣୀରେ ବିସର୍ଜନରେ ଜଳଜୀବ, ମନୁଷ୍ୟ ଜୀବମାନେ ପ୍ରଭାବିତ ହେଉଛନ୍ତି, କାରଣ ମୂର୍ତ୍ତି ମାନଙ୍କରେ ଆଜିକାଲି ଆକର୍ଷଣ ସକାଶେ ଉଜ୍ଜ୍ୱଳ ଦିଶିବା ପାଇଁ ରାସାୟନିକ କଲରରେ ଚିତ୍ରିତ କରାଯାଉଛି ଏବଂ ବିସର୍ଜନ ପରେ ଏସବୁ ହେବା ସହ ପ୍ରଦୂଷଣ ବୃଦ୍ଧି ପାଉଛି। ଏହାକୁ କେହି ମଧ୍ୟ ବାରଣ କରୁନାହାନ୍ତି।



## ୧୦୦କୋଟି ଟୀକାକରଣ ଅଭିଯାନରେ ସାମିଲ ହୋଇଥିବା କେନ୍ଦ୍ରାପଡାର କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା



କେନ୍ଦ୍ରାପଡ଼ା (ପିଏନ୍) : ବିଶ୍ୱରେ ସର୍ବ ବୃହତ୍ ଟୀକା କରଣ ଅଭିଯାନରେ ଇତିହାସ ରଚି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶରେ ୧୦୦କୋଟି କୋଭିଡ ଟୀକା ସମ୍ପୂର୍ଣ୍ଣ କରି ପାରିଛି ଭାରତ। ଏହି ଟୀକାକରଣ ଅଭିଯାନରେ କେନ୍ଦ୍ରାପଡା ଜିଲ୍ଲା ସାମିଲ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରିଣୀ ଡାକ୍ତର ଅନିତା ପଟ୍ଟନାୟକ ଏବଂ କୋଭିଡ ମୁଖ୍ୟ ପରିଚାଳନାରେ ଥିବା ଡାକ୍ତର ସଚ୍ଚିଦାନନ୍ଦ ମିଶ୍ରଙ୍କ ନେତୃତ୍ୱରେ ଏବଂ ସ୍ୱାସ୍ଥ୍ୟସେବୀମାନଙ୍କ ଅକ୍ଲାନ୍ତ ପ୍ରଚେଷ୍ଟାରେ ପ୍ରାୟ ୧୨ଲକ୍ଷ ଟୀକା ପ୍ରଦାନ କରାଯାଇଛି। ଏଥିରେ କେନ୍ଦ୍ରାପଡା ଜିଲ୍ଲାର ବରିଷ୍ଠ ବିଜେପି ନେତା ଭୁବନମୋହନ ଜେନା କେନ୍ଦ୍ରାପଡା ପୌରସଂସ୍ଥାର ଉଦୟ ନଗରରେ ଥିବା କଲ୍ୟାଣ ମଣ୍ଡପ ଟୀକାକରଣ କେନ୍ଦ୍ରରେ ଉପସ୍ଥିତ ହୋଇ କରୋନା ଯୋଦ୍ଧାମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ମିଠା ଖୁଆଇ ଅଭିନନ୍ଦନ ଜଣାଇଥିଲେ । ଶ୍ରୀ ଜେନା କହିଥିଲେ ଯେ ପୁଣି ଥରେ ପ୍ରମାଣିତ ହେଲା ଯେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ହିଁ ଏଭଳି ଦୁର୍ଲଭ ଲକ୍ଷ୍ୟ ହାସଲ କରାଯାଇପାରେ। ଏଥିସହିତ ସେ ଅଭିନନ୍ଦନ ଜଣାଇଥିଲେ ମୋଦିଜୀଙ୍କୁ, ଲକ୍ଷ ଲକ୍ଷ ସ୍ୱାସ୍ଥ୍ୟସେବୀ ନର୍ସ, ଡାକ୍ତର, ବ୍ୟକ୍ତିବିଶେଷ ଓ ଅନୁଷ୍ଠାନମାନଙ୍କୁ । ସେମାନଙ୍କୁ ବି ଧନ୍ୟବାଦ ଦେଇଥିଲେ ଯେଉଁମାନେ ଏହାକୁ ମୋଦି ଟୀକାର ପ୍ରଚାର ଓ ଅପପ୍ରଚାର ଜାରି ରଖିଥିଲେ। ତା ନହୋଇଥିଲେ ଦେଶବାସୀ ଭରଷା କରି ପାରି ନଥାନ୍ତେ ଏହି ନଭଶ୍ଚୁମ୍ବୀ ଲକ୍ଷ୍ୟ ହାସଲ କରିବାକୁ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଦୁର୍ଯ୍ୟୋଧନ ସାହୁ, କରୁଣାକର ସାହୁ, ଉମେଶ ଚନ୍ଦ୍ର ଦାସ, ବିବେକାନନ୍ଦ ମହାରଣା, ମନୋରଞ୍ଜନ ସାମଲ, ପ୍ରସନ୍ନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ରୀଡାବିତ୍‌ମାନଙ୍କୁ କ୍ରୀଡା ଉପକରଣ ବଂଟନ

ବାଲେଶ୍ୱର (ପିଏନ୍)-ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଗତ ଗୁରୁବାର ଦିନ କ୍ରୀଡାବିତ୍‌ମାନଙ୍କୁ କ୍ରୀଡା ଉପକରଣ ବଂଟନ କରାଯାଇଛି । ବାମପଡା ସ୍ଥିତ ମଧୁସୂଦନ କଲୋନୀର ରହୁଥିବା ଆର୍ଥିକ ଦୃଷ୍ଟିରୁ ଅସ୍ୱଚ୍ଛଳ ବର୍ଗର କ୍ରୀଡାବିତମାନେ



ବିଭିନ୍ନ ଶୃଙ୍ଖଳାରେ ଯଥା-ଫୁଟବଲ, ତାଇକୋଣ୍ଡୋ ଇତ୍ୟାଦିରେ କୃତିତ୍ୱ ଅର୍ଜନ କରିଥିବାରୁ ଜିଲ୍ଲା ପ୍ରଶାସନ ଦ୍ୱାରା ସେମାନଙ୍କୁ ବିଭିନ୍ନ କ୍ରୀଡା ଉପକରଣ ବଂଟନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର କ୍ରୀଡାବିତମାନଙ୍କୁ ଏହା ପ୍ରଦାନ କରିବା ସହିତ ସେମାନଙ୍କୁ ଭବିଷ୍ୟତରେ ଉଚ୍ଚମାନର କ୍ରୀଡା ପ୍ରଦର୍ଶନ କରିବା ପାଇଁ ଉତ୍ସାହିତ କରିଥିଲେ। ଏହି ଅବସରରେ ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା, ରେମୁଣା ତହସିଲଦାର ଶ୍ରୀ ମନୋଜ କୁମାର ସେନାପତି ଏବଂ ମଧୁସୂଦନ ନଗର ଅନ୍ତେବାସୀ ତଥା ଜିଲ୍ଲା ପରିଷଦ ସଦସ୍ୟ ଶ୍ରୀ ବିପିନ୍ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## ଭାରତ ନିବାସର ୫୦ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ



ଭୁବନେଶ୍ୱର (ପିଏନ୍)-ତାମିଲନାଡୁ ଅରଭିଲେ ଇଣ୍ଟରନ୍ୟାସନାଲ ଟାଉନସିପ୍ ପରିସରରେ ଭାରତ ନିବାସର ୫୦ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ଅରବିନ୍ଦ ସଭାଗୃହରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଆକର୍ଷଣ ସାଜିଥିଲା ଓଡିଶୀ ନୃତ୍ୟ । ଜଗତର ନାଥ ଜଗନ୍ନାଥଙ୍କ ବନ୍ଦନା ପୂର୍ବକ ଭାବ ରଙ୍ଗ ତାଳରେ ନୃତ୍ୟ ପରିବେଷଣ କରିଥିଲେ ଭୁବନେଶ୍ୱର ଡମଣାସ୍ଥିତ ବ୍ଲୁ ଲାଇଟ୍ ଡ୍ୟାନ୍ସ ଷ୍ଟୁଡିଓର କଳାକାରମାନେ । ଏହା ପରେ ଜଗନ୍ନାଥଙ୍କ ସଂସ୍କୃତି ଉପରେ ଆଧାରିତ ବିଭିନ୍ନ ଭାବାତ୍ମକ ପୌରାଣିକ ତତ୍ତ୍ୱକୁ ନେଇ ନୃତ୍ୟ ପରିବେଷଣ କରାଯାଇଥିଲା । ଯେଉଁଥିରେ ୭୨ ଦେଶର ଲୋକ ନୃତ୍ୟ ଉପଭୋଗ କରିବା ସହିତ ଭାବବିହ୍ୱଳ ହୋଇ ଯାଇଥିଲେ । ଏନେଇ ଷ୍ଟୁଡିଓର ପ୍ରତିଷ୍ଠାତା ତଥା କ୍ରିଏଟିଭ୍ ହେଡ୍ ଜନ୍ମେଜୟ ମହାନ୍ତି କହିଛନ୍ତି ଯେ ବ୍ଲୁ ଲାଇଟ୍ ଡ୍ୟାନ୍ସ ଷ୍ଟୁଡିଓ ଓଡିଶାର ସଂସ୍କୃତି ଓ ପରମ୍ପରାକୁ ବଜାଇ ରଖିବା ସହିତ ଓଡିଶୀ ନୃତ୍ୟ ଦ୍ୱାରା ଦେଶ ବିଦେଶରେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ଏ ପର୍ଯ୍ୟନ୍ତ ଏଠାରୁ ହଜାରେରୁ ଉର୍ଦ୍ଧ୍ୱ ନୃତ୍ୟଶିଳ୍ପୀ ଉତ୍ତୀର୍ଣ୍ଣ ହୋଇ ବିଭିନ୍ନ ଦେଶ ବିଦେଶରେ ନୃତ୍ୟ ପ୍ରଦର୍ଶନ କରି ଓଡିଶାକୁ ଗୌରବ ଆଣି ଦେଇଛନ୍ତି । ଏହି କାର୍ଯ୍ୟକ୍ରମକୁ ସାମାଜିକ ଗଣମାଧ୍ୟମରେ ସାରା ବିଶ୍ୱର ଲୋକମାନେ ଦେଖିବା ସହିତ ଭୁରି ଭୁରି ପ୍ରଶଂସା କରିଥିଲେ ।

## କେନ୍ଦ୍ରାପଡା ସାନ୍ଧ୍ୟ ମହାବିଦ୍ୟାଳୟରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ




କେନ୍ଦ୍ରାପଡ଼ା (ପିଏନ୍) : କେନ୍ଦ୍ରାପଡା ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟ ଓ କେନ୍ଦ୍ରାପଡା ନେହେରୁ ଯୁବ କେନ୍ଦ୍ରର ମିଳିତ ଆନୁକୁଲ୍ୟରେ ସ୍ୱଚ୍ଛଭାରତ ଅଭିଯାନରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀ ମାନେ ଜାତୀୟ ସେବା ଯୋଜନା ଅଧିକାରୀ ମୃତ୍ୟୁଞ୍ଜୟ ମହାନ୍ତିଙ୍କ ନେତୃତ୍ୱରେ କଲେଜ ପରିସର ସଫା କରିବା ସହିତ ଉଦୟନଗରସ୍ଥିତ କେନ୍ଦ୍ରାପଡା ପୌରସଂସ୍ଥା କଲ୍ୟାଣମଣ୍ଡପ କୋଭିଡ ଟୀକା କେନ୍ଦ୍ର, ତିନିମୁହାଣି ରାମ ମନ୍ଦିର ଓ ନୂଆ ବସ୍‌ଷ୍ଟାଣ୍ଡ ପରିସରକୁ ସଫେଇ କରି ଅଳିଆ ଆବର୍ଜ୍ଜନାକୁ ପରିଷ୍କାର କରିଥିଲେ । କଲେଜ ଅଧକ୍ଷ ପ୍ରଫେସର ମଧୁସୁଦନ କାମିଲା ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ଅନ୍ୟତମ ଅଧିକାରୀ ଗିରିଜାକାନ୍ତ ଦାଶ ଓ ନେହେରୁ ଯୁବକେନ୍ଦ୍ରର ସଦସ୍ୟ ଲକ୍ଷ୍ମୀକାନ୍ତ ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ଠକେଇ ମାମଲାରେ ଜଡିବୁଟି ବ୍ୟବସାୟୀ ଥାନାରେ ଅଟକ

ଫୁଲବାଣୀ (ପିଏନ୍): ଜଡିବୁଟି ଔଷଧ ଦେବା ଲାଗି କହି ଫୁଲବାଣୀ ସହରର ଜଣେ ଜଣାଶୁଣା ଶିକ୍ଷିତ ବ୍ୟାକ୍ତିଙ୍କଠାରୁ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ କରି ନେଇଥିବା ଫୁଲବାଣୀ ଟାଉନଥାନାରେ ଅଭିଯୋଗ ହେବାପରେ ପୋଲିସ ସୁନୀଲ ନାମକ ଜଣେ ଜଡିବୁଟି ବ୍ୟବସାୟୀକୁ ଅଟକ ରଖି ପଚରାଉଚୁରା କରୁଛି । ତାର ଟାଟା ସୁମୋ ଗାଡିକୁ ମଧ୍ୟ ଜବତ କରିଛି । ସୁଚନାଯୋଗ୍ୟ କଲେଜଛକ ନିକଟରେ ରାସ୍ତା କଡରେ ପସରା ମେଲାଇ ଜଡିବୁଟି ବିକ୍ରି କରୁଥିବା ସୁନୀଲଙ୍କଠାରୁ ନିଜ ରୋଗ



ସମ୍ବନ୍ଧରେ ବର୍ଣ୍ଣନା କରି ପ୍ରଥମେ କିଛି ଔଷଧ ଖାଇଥିଲେ । ଖାଇବା ପରେ ଭଲ ଲାଗିବା ଫଳରେ ବ୍ୟକ୍ତି ଜଣକ ଆଉ ଅଧିକ ଦିନ ଖାଇବା ଲାଗି ଔଷଧ କିଣିବା ପାଇଁ ଚାହିଁଥିଲେ । ତେବେ ସେହି ଔଷଧର ଷ୍ଟକ ତାଙ୍କ ପାଖରେ ନଥିବା କହି ମଗାଇଦେବାକୁ କହି ଦୁଇ ତିନିଟି ପର୍ଯ୍ୟାୟରେ ୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ନେଇ ଔଷଧ ନଦେଇ ଜଡ଼ିବୁଟି ବ୍ୟବସାୟୀ ଜଣଙ୍କ ଏଠାରୁ ତମ୍ବୁ ଉଠାଇ ଲୁଚି ପଳାଇଥିଲେ । ବ୍ୟକ୍ତି ଜଣଙ୍କ ତାଙ୍କୁ ଖୋଜାଖୋଜି କରି ନପାଇବା ଫଳରେ ଶେଷରେ ନିରାଶ ହୋଇ ଟାଉନଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ସେ ଦେଇଥିବା ଫୋନ ନମ୍ବରରେ ପ୍ରଥମେ ପୋଲିସ୍ ଗ୍ରାହକ ସାଜି ଫୋନ କରିବାରୁ ସେ ରାଉରକେଲାରେ ବର୍ତ୍ତମାନ ଥିବା କହିଥିଲେ। ତେବେ ତାଙ୍କ ଫୋନ ଲୋକେସନ କିନ୍ତୁ ଭବାନିପାଟଣା ଅଂଚଳ ଦେଖାଇବା ଫଳରେ ଫୁଲବାଣୀ ପୋଲିସ ଭବାନୀପାଟଣା ପୋଲିସକୁ ଜଣାଇବା ପରେ ଭବାନିପଟଣା ପୋଲିସ ଜଡିବୁଟି ବ୍ୟବସାୟୀ ସୁନୀଲକୁ ଥାନାକୁ ଆଣି ରଖିଥିଲା । ଆଉ ଫୁଲବାଣୀରୁ ଭବାନୀପାଟଣା ଯାଇ ଏଠାକୁ ଆଣି ଅଟକ ରଖି ପଚରାଉଚୁରା କରୁଛି । ତେବେ ବିଭିନ୍ନ ସମୟରେ ରାଜସ୍ଥାନ, ଗୁଜରାଟ, କଲିକତା ଆଦି ବାହାର ରାଜ୍ୟରୁ ଜଡିବୁଟି ବ୍ୟବସାୟୀମାନେ ଏଠାକୁ ଆସି ଔଷଧ ନାରେ ନରିହ ଲୋକମାନଙ୍କୁ ଠକୁଥିବା ଅଭିଯୋଗ ହେଉଛି । ଲୋକେବି ସେମାନଙ୍କ କଥାରେ ବଶବର୍ତ୍ତି ହୋଇ ଠକାମୀର ଶିକାର ହେଉଛନ୍ତି । ଏନେଇ ଲୋକଲଜ୍ୟାରେ କାହାରିକୁ ନକହି ଚୁପ ରହୁଛନ୍ତି । ଏଣୁ କିଛି ନବୁଝି ନଶୁଝି ବାହାରର ବୁଲା ବିକାଳୀମାନଙ୍କଠାରୁ ଔଷଧ ନ କିଣିବା ଲାଗି ପରାମର୍ଶ ଦେଇଛି ପୋଲିସ୍ ।

## ଚିକିତ୍ସା ପାଇଁ କେନ୍ଦ୍ରାପଡା ବିଡିଓଙ୍କ ସହାୟତା ପ୍ରଦାନ



କେନ୍ଦ୍ରାପଡ଼ା (ପିଏନ୍): ଜଣେ ଗରିବ ଅସହାୟ ଦିନମଜୁରିଆ ରୋଗଗସ୍ତ ପରିବାରକୁ କେନ୍ଦ୍ରାପଡା ବିଡିଓ ଅଶ୍ୱିନୀ କୁମାର ଦାସ ସହାୟତା ପ୍ରଦାନ କରିଛନ୍ତି। କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭାଗବତପୁର ପଞ୍ଚାୟତର ଶ୍ୟାମସୁନ୍ଦରପୁର (ମେଳକସାହି) ଗ୍ରାମର ପଦ୍ମନାଭ ରାଉତ ଜଣେ ଗରିବ ଦିନମଜୁରିଆ ଶ୍ରେଣୀର । ମୂଲଲାଗି ନିଜ ପରିବାର ପ୍ରତିପୋଷଣ କରୁଥିବା ପଦ୍ମନାଭଙ୍କ ପତ୍ନୀ ପ୍ରମିଳା ରାଉତ ଜଣେ ପକ୍ଷାଘାତ ରୋଗୀ। ଚାଳଛପର ଘରେ ବାସ କରୁଥିବା ପଦ୍ମନାଭଙ୍କ ଘରଟି ଗତ ଲଗାଣ ବର୍ଷାରେ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାରୁ ସରପଞ୍ଚ ତାଙ୍କୁ ସ୍ଥାନୀୟ ବିଦ୍ୟାଳୟରେ ରହିବାର ବ୍ୟବସ୍ଥା କରିଛନ୍ତି। ଏତଦବ୍ୟତିତ ପଦ୍ମନାଭବି ରୋଗଗସ୍ତ ହୋଇ ପଡିଛନ୍ତି। ଏଭଳି ପରିସ୍ଥିତି ଦେଖି ଭାଗବତପୁର ସରପଞ୍ଚ ଧରଣୀଧର ଦାସ ଏସମ୍ପର୍କରେ କେନ୍ଦ୍ରାପଡା ଜିଲ୍ଲାପାଳ, ତହସିଲଦାର ଓ ବିଡିଓଙ୍କୁ ଜଣାଇ ପଦ୍ମନାଭଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ନିବେଦନ କରିଥିଲେ। କେନ୍ଦ୍ରାପଡା ବିଡିଓ ଅଶ୍ୱିନୀ କୁମାର ଦାସ ଶୁକ୍ରବାର ପଦ୍ମନାଭଙ୍କ ଭଙ୍ଗାଘର ନିକଟରେ ପହଞ୍ଚି ଓଡିଶା ଜୀବିକା ମିଶନ ପାଣ୍ଠିରୁ ୫ହଜାର ଟଙ୍କାର ସହାୟତା ଓ ଏକ ତରିପାଲ ପ୍ରଦାନ କରିବା ସହ ତାଙ୍କୁ ଗ୍ରାମୀଣ ଆବାସ ଯୋଜନାରେ ଏକ ଗୃହ ଯୋଗାଇ ଦେବାକୁ ପ୍ରତିଶୃତି ଦେଇଛନ୍ତି। ବିଡିଓ ଶ୍ରୀ ଦାସଙ୍କ ସହିତ ଏବିଡିଓ ଅନିରୁଦ୍ଧ ବେହେରା, ସରପଞ୍ଚ ଧରଣୀଧର ଦାସ ସହାୟତା ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

## ୬୨ତମ ପୋଲିସ ସହିଦ ଦିବସ ପାଳିତ



କେନ୍ଦ୍ରାପଡ଼ା (ପିଏନ୍) : କେନ୍ଦ୍ରାପଡାର ଜଝାଙ୍ଗସ୍ଥିତ ଜିଲ୍ଲା ପୋଲିସ ରିଜର୍ଭ ପଡିଆରେ ଗତ ଗୁରୁବାର ୬୨ତମ ପୋଲିସ ସହିଦ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆରକ୍ଷୀ ଅଧିକ୍ଷକ ସମ୍ବିତ ସମ୍ପଦ ମଡକର ସହିଦମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ ୧୯୫୯ମସିହା ଅକ୍ଟୋବର ୨୧ତାରିଖ ଦିନ ସି.ଆର.ପି.ଏଫ.ର ୧୦ଜଣ କର୍ତ୍ତବ୍ୟନିଷ୍ଠ ଜବାନ ଲଦାଖଠାରେ ଭାରତସୀମା ଉଲ୍ଲଙ୍ଘନ କରିବାକୁ ପ୍ରୟାସ କରୁଥିବା ଚୀନ ଦେଶର ସୈନ୍ୟ ବାହିନୀ ସହିତ ଯୁଦ୍ଧ କରି ମାତୃଭୂମିର ସେବାରେ ପ୍ରାଣବଳୀ ଦେଇଥିଲେ । ୧୯୬୦ମସିହା ଜାନୁଆରୀ ମାସରେ ଦେଶର ସମସ୍ତ ଆରକ୍ଷୀ ମହାନିରୀକ୍ଷକମାନଙ୍କର ଅନୁଷ୍ଠିତ ସମ୍ମିଳନୀରେ ଏହି ଦିବସକୁ ସହିଦ ଦିବସ ରୂପେ ପ୍ରତ୍ୟେକ ଜିଲ୍ଲାର ସଦର ମହକୁମା ଏବଂ ଅନ୍ୟାନ୍ୟ ପୋଲିସ ପ୍ରତିଷ୍ଠାନମାନଙ୍କରେ ପାଳନ କରିବାକୁ ନିଷ୍ପତି ନିଆଯାଇଥିଲା । ସେହିଦିନ ଠାରୁ ପ୍ରତିବର୍ଷ କର୍ତ୍ତବ୍ୟ କରୁଥିବା ସମୟରେ ଦେଶ ପାଇଁ ପ୍ରାଣବଳି ଦେଇଥିବା ପୋଲିସମାନଙ୍କ ସ୍ମୃତି ଉଦେଶ୍ୟରେ ବା ରାଷ୍ଟ୍ର ପାଇଁ ସର୍ବୋଚ ତ୍ୟାଗ ସ୍ୱୀକାର କରିଥିବା ବୀର ପୋଲିସମାନଙ୍କ ସ୍ମୃତି ଉଦେଶ୍ୟରେ ୧୯୬୦ ମସିହାରୁ ଏହି ଦିବସ ପାଳିତ ହୋଇ ଆସୁଛି । ଦେଶର ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ଏହି ବୀର ପୋଲିସମାନେ ବୀରତ୍ୱ ସହିତ କର୍ତ୍ତବ୍ୟ ସମ୍ପାଦନ କରି ସେମାନଙ୍କ ଦାୟିତ୍ୱ ନିର୍ବାହ କରିଥାନ୍ତି । ତେଣୁ ଗତ ବର୍ଷକ ମଧ୍ୟରେ କର୍ତ୍ତବ୍ୟ ସମ୍ପାଦନ ସମୟରେ ପ୍ରାଣବଳି ଦେଇଥିବା ଦେଶର ୩୭୭ଜଣ ବୀର ପୋଲିସ ଏବଂ କରୋନାରେ ପ୍ରାଣବଳୀ ଦେଇଥିବା ୨୨ଜଣଙ୍କ ମଧ୍ୟରୁ ଓଡିଶାର ୪ଜଣ ପୋଲିସଙ୍କ ପ୍ରତି ଆରକ୍ଷୀ ଅଧିକ୍ଷକ ଶ୍ରୀ ମଡକରଙ୍କ ସମେତ ଅତିରିକ୍ତ ଏସପି ହରେଶ ପାଣ୍ଡେ, ଅତିରିକ୍ତ ଏସପି ଇନ୍ଦ୍ରମଣୀ ବେହେରା, କେନ୍ଦ୍ରାପଡା ଏସ. ଡି. ପି. ଓ. ରାଜୀବ ଲୋଚନ ପଣ୍ଡା, ଡିଏସପି କାର୍ତ୍ତିକ ଚନ୍ଦ୍ର ମଲ୍ଲିକ, ଡିଏସପି ପି. କେ. ମିଶ୍ର, ସହକାରୀ କମାଣ୍ଡାଣ୍ଟ ସୁରେନ୍ଦ୍ର କୁମାର ନାୟକ, ରିଜର୍ଭ ଇନିସପେକ୍ଟର ହେମନ୍ତ କୁମାର ଦାସ, ଟାଉନ ଥାନା ଇନସପେକ୍ଟର ଜ୍ୟୋତିରଞ୍ଜନ ସାମନ୍ତରାୟ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ଏସ.ପି. ଶ୍ରୀ ମଡକର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ । ପୋଲିସ ରିଜର୍ଭ ପଡିଆରେ ଏହି ଉପଲକ୍ଷେ ଅନୁଷ୍ଠିତ ପ୍ୟାରେଡରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ଅଂଶଗ୍ରହଣ କରିଥିଲେ ।

# ମୋ ସହର

## ସମାଜସେବୀଙ୍କ ସ୍ମୃତିଚାରଣ ସଭା

ଖୋର୍ଦ୍ଧା,(ପିଏନ):ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା ଅନ୍ତର୍ଗତ ମଲ୍ଲିପଦର ମହୋତ୍ସବ କମିଟିର ସଭାପତି ବିଦ୍ୟାଧର ମହାରଣାଙ୍କ ପିତା ସ୍ୱର୍ଗତ ଲକ୍ଷ୍ମୀଧର ମହାରଣାଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏ ନେଇ ଆୟୋଜିତ ସଭାରେ ବରିଷ୍ଠ ବିଦ୍ୱାନ କରୁଣାକର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା ।ଏଥିରେ ବେଗୁନିଆ ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି,ସ୍ଥାନୀୟ ସମିତି ସଭ୍ୟ ସୁବାସ ଚନ୍ଦ୍ର ମହାନ୍ତି ମୁଖ୍ୟବକ୍ତା, ପୂର୍ବତନ ସରପଂଚ ପୂର୍ଣ୍ଣ ଚନ୍ଦ୍ର ବେହେରା,ସମିତି ସଭ୍ୟ ଶିଶୀର କୁମାର ଆଚାର୍ଯ୍ୟ, ଶିକ୍ଷାବିତ ରାଜ କିଶୋର ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ସ୍ୱର୍ଗତ ଶ୍ରୀ ମହାରଣାଙ୍କ ସମାଜସେବା କାର୍ଯ୍ୟ ଓ କାଠ କାରିଗର ଭାବରେ ୬୦ ରୁ ଉର୍ଦ୍ଧ ଶିଷ୍ୟଙ୍କୁ ଶିକ୍ଷା ଦେଇ ରୋଜଗାରକ୍ଷମ କରାଇପାରିଥିଲେ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସମାଜସେବୀ ରଞ୍ଜନ କୁମାର ବେହେରା,ମାଗୁଣୀ ସାମନ୍ତରାୟ, ମନୋରଞ୍ଜନ ପଣ୍ଡା, ସନ୍ତୋଷ କୁମାର ଦାଶ ଓ କୁଞ୍ଜ ବିହାରୀ ମହାପାତ୍ର ପ୍ରମୁଖ ଯୋଗ ଦେଇ ନିଜର ଭାବକୁ ପ୍ରକାଶ କରିଥିଲେ ।

## ରାଜ୍ୟରେ ବୟନ ଶିଳ୍ପର ବିକାଶ ପାଇଁ କେନ୍ଦ୍ରମନ୍ତ୍ରୀ ପିୟୂଷ ଗୋଏଲଙ୍କୁ ପତ୍ର

ଭୁବନେଶ୍ୱର, (ପି.ଏନ): ବୟନ ଶିଳ୍ପ କ୍ଷେତ୍ରରେ ଅପାର ସମ୍ଭାବନା ଥିବା ଓଡିଶା ରାଜ୍ୟରେ ପିଏମ୍ ମିତ୍ର ଯୋଜନାରେ ଏକ ଗ୍ରୀନ୍ ଫିଲ୍ଡ ମେଗା ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା କରିବା ପାଇଁ ବିଚାର କରିବାକୁ କେନ୍ଦ୍ର ବୟନ ଶିଳ୍ପ, ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପିୟୂଷ ଗୋଏଲଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ନିକଟରେ ଭାରତ ସରକାରଙ୍କ ବୟନଶିଳ୍ପ ମନ୍ତ୍ରଣାଳୟ ଦ୍ୱାରା ଦେଶରେ ପିଏମ ମେଗା ଇଂଟିଗ୍ରେଟେଡ୍ ଟେକ୍ସଟାଇଲ ରିଜିଓନ ଏଣ୍ଡ୍ ଆପାରେଲ(ମିତ୍ର) ଯୋଜନାରେ ୭ଟି ମେଗା ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ପାଇଁ ଘୋଷଣା କରାଯାଇଛି । ପିପିପି ମୋଡରେ ଭାରତୀୟ କମ୍ପାନୀ ମାନଙ୍କୁ ବୟନ ଏବଂ କପଡା ଶିଳ୍ପ କ୍ଷେତ୍ରରେ ବିଶ୍ୱ ଚାମ୍ପିଅନ ପରିଣତ କରିବା ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସହଭାଗୀତାରେ ଏକ୍ ସ୍ପେଶାଲ ପ୍ରୋପଜ ଭେଇକିଲ୍ ବିକଶିତ କରାଯାଉଛି । ପ୍ରସ୍ତାବିତ ଗ୍ରୀନ୍ ଫିଲ୍ଡ ମିତ୍ର ପାର୍କ ପ୍ରତିଷ୍ଠା ହେଲେ ବୟନଶିଳ୍ପ ସହ ଓଡିଶାର ସର୍ବାଙ୍ଗୀନ ବିକାଶ ହୋଇପାରିବ । ଲକ୍ଷ ଲକ୍ଷ ରୋଜଗାର ସୃଷ୍ଟି ହେବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ "ପୂର୍ବୋଦୟ ମିଶନ" କଳ୍ପନା ବହୁମାତ୍ରାରେ ସାକାର ହୋଇପାରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ବୟନ ଶିଳ୍ପ କ୍ଷେତ୍ରରେ ଓଡିଶାର ଦୀର୍ଘ ଏବଂ ସମୃଦ୍ଧ ଇତିହାସ ରହିଛି । ଓଡିଶାର ହସ୍ତତନ୍ତ ଉଚ୍ଚକୋଟିର ଡିଜାଇନ୍ ଏବଂ ଗୁଣବତା ପାଇଁ ବିଶ୍ୱ ବିଖ୍ୟାତ । ସମ୍ବଲପୁରୀ, ବୋମକେଇ ଏବଂ ବ୍ରହ୍ମପୁରୀ ଭଳି ଅନେକ ଡିଜାଇନ୍ ଏଠାରେ ରହିଥିବା ବେଳେ ଇକତ୍ ପାଇଁ ମଧ୍ୟ ପ୍ରସିଦ୍ଧ ଲାଭ କରିଛି । ନିଜର ସମୃଦ୍ଧ ଇତିହାସ ଏବଂ ଆଞ୍ଚଳିକ ସମ୍ପନ୍ନତା ଯୋଗୁଁ ଓଡିଶା ବୟନ ଶିଳ୍ପ କ୍ଷେତ୍ରରେ ପୁଞ୍ଜିନିବେଶ କରିବା ପାଇଁ ଅନେକ ସୁଯୋଗ ରହିଛି । ନିକଟ ଅତୀତରେ ଓଡିଶା ସିପେଟ୍, ଆଇଆଇଟି, ଆଇଆଇଏମ, ନିଟ୍, ଆଇଆଇଆଇଟି, ଏମ୍ସ, ନାଇଜର, ଦକ୍ଷତା ବିକାଶ କେନ୍ଦ୍ର, ଇଣ୍ଡିଆନ ଅଏଲ- ଆଇସିଟି ଓଡିଶା କ୍ୟାମ୍ପସ ଭଳି ବିଶ୍ୱସ୍ତରୀୟ ଉଚ୍ଚ ଶିକ୍ଷା, ଗବେଷଣା ଏବଂ ଦକ୍ଷତା ବିକାଶ କେନ୍ଦ୍ର ଦ୍ୱାରା ଓଡିଶା ଜ୍ଞାନ ଏବଂ ଦକ୍ଷତାର ପେଣ୍ଠସ୍ଥଳି ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିଛି । ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣର ପ୍ରତିଷ୍ଠା କରାଯାଇଛି । ଏହା ଦ୍ୱାରା ଶିଳ୍ପ ଚାହିଦା ଆଧାରରେ ଲୋକଙ୍କୁ ପ୍ରଶିକ୍ଷିତ କରିବା ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବିକଶିତ କରାଯାଉଛି । ୧୦ ହଜାର କିମିର ରାଜପଥ ନେଟୱାର୍କ, ପାରାଦୀପ, ଧାମରା ଓ ଗୋପାଳପୁର ବନ୍ଦର, ଶିଳ୍ପ କେନ୍ଦ୍ରର ନିକଟବର୍ତ୍ତୀ, ରାଜ୍ୟରେ ଅତିକ୍ରମ କରୁଥିବା ଜଗଦିଶପୁର–ହଳଦିଆ ଏବଂ ବୋକାରୋ-ଧାମରା (ଜେଏଚବିଡିପିଏଲ) ଗ୍ୟାସ ପାଇପଲାଇନ ସହ ଲଜିଷ୍ଟିକ୍ ଏବଂ ଶିଳ୍ପାୟନ ସହ ଓଡିଶା ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇ ରହିଅଛି । ଆନୁଷଙ୍ଗିକ ବ୍ୟବସ୍ଥା ସହ ବୃହତ ଧାମରା ବନ୍ଦର ଏବଂ ଭୁବନେଶ୍ୱର ନିକଟ ମଳିପଡା ଠାରେ ଦୁଇଟି ଟେକ୍ସଟାଇଲ ଏବଂ କପଡା ପାର୍କ ନିର୍ମାଣ କାର୍ଯ୍ୟ ଜାରୀ ରହିଛି । ଏହାସହିତ ଭଦ୍ରକ ଠାରେ ଟେକ୍ନିକାଲ୍ ଟେକ୍ସଟାଇଲ ପାର୍କକୁ ମଧ୍ୟ ବିକଶିତ କରାଯାଉଛି । ଏହି ପାର୍କ ବାର୍ଷିକ ୩୦୦ କିଲୋ ଟନ୍ ବିଶିଷ୍ଟ ଆଇଓସିଏଲ ପଲିଷ୍ଟର ଏବଂ ଫାଇବର ପ୍ଲାଂଟ୍‌ର ସାହାଯ୍ୟରେ ବାର୍ଷିକ ୧୦୦ କିଲୋ ଟନ୍ ବିଶିଷ୍ଟ ପଲିଷ୍ଟର ଷ୍ଟାପଲ ଫାଇବର, ବାର୍ଷିକ ୧୬୫ କିଲୋ ଟନ୍ ବିଶିଷ୍ଟ ଡ୍ରୋନ୍ ଟେକ୍ସଚରଡ୍ ୟାର୍ନ ଏବଂ ବାର୍ଷିକ ୩୫ କିଲୋ ଟନ ବିଶିଷ୍ଟ ଫୁଲି ଡ୍ରୋନ ୟାର୍ନ ଏହି ପାର୍କ ପାଇଁ ଫିଡ୍ ଷ୍ଟକ୍ ରହିଛି । ତେଣୁ ଏହି ଅପାର ସମ୍ଭାବନାକୁ ଦୃଷ୍ଟିରେ ରଖି ଏକ ଗ୍ରୀନ୍ ଫିଲ୍ଡ ମିତ୍ର ପାର୍କ ପ୍ରତିଷ୍ଠା କରିବା ପାଇଁ ବିଚାର କରିବାକୁ ଶ୍ରୀ ପ୍ରଧାନ ବିଭାଗୀୟ କେନ୍ଦ୍ରମନ୍ତ୍ରୀ ଶ୍ରୀ ଗୋଏଲଙ୍କୁ ଅନୁରୋଧ କରିଛନ୍ତି ।

## ସତର୍କତା ସଚେତନତା ସପ୍ତାହରେ ସତ୍ୟନିଷ୍ଠା ପାଇଁ ଶପଥ ନେଲେ ପୂର୍ବତଟ ରେଳପଥ କର୍ମଚାରୀ

ଭୁବନେଶ୍ୱର,(ପି.ଏନ): ପୂର୍ବତଟ ରେଳପଥ ପକ୍ଷରୁ ସତର୍କତା ସଚେତନତା ସପ୍ତାହ-୨୦୨୧ ପାଳନ ଅବସରରେ ମହାପ୍ରବନ୍ଧକ ଶ୍ରୀ ବିଦ୍ୟା ଭୂଷଣ ଆଜି ପୂର୍ବାହ୍ନରେ ୱାଲଟିୟର ରେଳ ମଣ୍ଡଳ ମୁଖ୍ୟାଳୟ ଠାରେ ରେଳବାଇ କର୍ମଚାରୀ ଓ ଅଧିକାରୀମାନଙ୍କୁ ସମସ୍ତ କ୍ଷେତ୍ରରେ ସତ୍ୟନିଷ୍ଠା ଓ ସ୍ୱଚ୍ଛତା ଆଣିବାକୁ ଶପଥ ପାଠ କରାଇଥିଲେ । ଅତିରିକ୍ତ ମହାପ୍ରବାଣ୍ଡଝାଙ୍କ ଶ୍ରୀ ସୁଧୀର କୁମାର ପୂର୍ବତଟ ରେଳପଥ ମୁଖ୍ୟାଳୟ ଠାରେ କର୍ମଚାରୀ ଏବଂ ଅଧିକାରୀମାନଙ୍କୁ "ଅଖଣ୍ଡତା" ଉପରେ ଶପଥ ପାଠ କରାଇଥିଲେ । ଜୀବନରେ ସମସ୍ତ କ୍ଷେତ୍ରରେ ସାଧୁତା ସହିତ ନିୟମର ପାଳନ କରିବା; ସମସ୍ତ କାର୍ଯ୍ୟକୁ ସଚ୍ଚୋଟତା ସହ ପାରଦର୍ଶିତା ଭଳି କାର୍ଯ୍ୟକରିବା; ବ୍ୟକ୍ତିଗତ ବ୍ୟବହାରରେ ସତ୍ୟନିଷ୍ଠା ପ୍ରଦର୍ଶନ କରିବା ସହ ଉଦାହରଣ ଦ୍ୱାରା ନେତୃତ୍ୱ ନେବା ଏବଂ ଭ୍ରଷ୍ଟାଚାରର ଯେକୌଣସି ଘଟଣାକୁ ଉଚିତ ଅଧିକାରୀଙ୍କୁ ଜଣାଇବାକୁ ମଧ୍ୟ ରେଳକର୍ମଚାରୀ ମାନେ ସଂକଳ୍ପ ନେଇଛନ୍ତି ।

## ରାଜ୍ୟରେ ପ୍ରତିଷ୍ଠା ହେବ ୩୪ଟି ଶିଶୁ ଅନୁକୂଳ ପୋଲିସ ଷ୍ଟେସନ

ଭୁବନେଶ୍ୱର, (ପି.ଏନ) : ରାଜ୍ୟରେ ୩୪ଟି ଶିଶୁ ଅନୁକୂଳ ପୋଲିସ ଷ୍ଟେସନ (ଚାଇଲ୍ଡ ଫ୍ରେଣ୍ଡଲି ପୋଲିସ୍ ଷ୍ଟେସନ୍) ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ପତି ନେଇଛନ୍ତି । ରାଜ୍ୟରେ ସମୁଦାୟ ୩୪ଟି ପୋଲିସ ଜିଲ୍ଲା ରହିଛି ଏବଂ ପ୍ରତ୍ୟେକ ପୋଲିସ ଜିଲ୍ଲାରେ ଗୋଟିଏ ଲେଖାଏ ଶିଶୁ ଅନୁକୂଳ ପୋଲିସ ଷ୍ଟେସନ ପ୍ରତିଷ୍ଠା କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ବିଭିନ୍ନ ସମୟରେ ବିଭିନ୍ନ କାରଣରୁ ଆଇନର ପରିସରକୁ ଆସୁଥିବା ଅନେକ ପିଲା ତଥା ସହାୟତା ଆବଶ୍ୟକତା କରୁଥିବା ପିଲାମାନଙ୍କ ପାଇଁ ଥାନା ଭିତରେ ସ୍ୱତନ୍ତ୍ର ଅନୁକୂଳ ପରିବେଶର ଆବଶ୍ୟକତାକୁ ଅନୁଭବ କରି ମୁଖ୍ୟମନ୍ତ୍ରୀଏହି ନିଷ୍ପତି ନେଇଛନ୍ତି । ।ଏହିସବୁ ପୋଲିସ ଷ୍ଟେସନରେ ଶିଶୁ ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା କରାଯିବ। ଏହିସବୁ ଥାନାରେ ସ୍ୱତନ୍ତ୍ର ଲୋଗୋ ଓ ଫଳକ ରହିବା ସହିତ ପିଲାଙ୍କ ପାଇଁ ଛୋଟ ପୁସ୍ତକାଗାର ମଧ୍ୟ କରାଯିବ । ଏଥିରେ ବିଭିନ୍ନ ରୁଚି ସଂପନ୍ନ ପୁସ୍ତକ, ପତ୍ରପତ୍ରିକା ଓ ସମ୍ବାଦପତ୍ର ରଖାଯିବ। ପିଲାମାନଙ୍କ ସୁବିଧା ପାଇଁ ବିଛଣା, ଚୌକି ଓ ଟେବୁଲ ମଧ୍ୟ ରଖାଯିବ। ଏହାସହିତ ଶିଶୁମାନଙ୍କ ଅଧିକାର ସଂପର୍କିତ ଫଳକ ଏବଂ ପୋଲିସ ପାଇଁ 'କଣ କରିବେ ବା ନ କରିବେ' , ସେ ସଂପର୍କରେ ମଧ୍ୟ ସୂଚନା ଫଳକ ରହିବ। ଶିଶୁକଲ୍ୟାଣ ଅଧିକାରୀଙ୍କୁ ଯୋଗାଯୋଗ କରିବା ପାଇଁ ତାଙ୍କ ନାମ ଓ ଅନ୍ୟାନ୍ୟ ସୂଚନା ସଂପର୍କରେ ଏକ ସ୍ୱତନ୍ତ୍ର ଫଳକ ରହିବ। ଏହାସହିତ ପିଲାଙ୍କ ପାଇଁ ଖେଳନା, ଫାଷ୍ଟ ଏଡ୍ କିଟ୍ ମଧ୍ୟ ରଖାଯିବ। ଥାନା ପରିସର ମଧ୍ୟରେ ଏକ ଶିଶୁ ଅନୁକୂଳ ପରିବେଶ ସୃଷ୍ଟି କରିବା ପାଇଁ କାନ୍ଥ ଗୁଡିକରେ ସୁନ୍ଦର ଚିତ୍ର ରହିବା ସହିତ ବିଭିନ୍ନ ଶିକ୍ଷଣୀୟ ବିଷୟ ସ୍ଥାନିତ ହେବ ।ସାଧାରଣ ଥାନା ଗୁଡିକ ଠାରୁ ଏହାର ପରିବେଶକୁ ସମ୍ପୂର୍ଣ୍ଣ ଭିନ୍ନ ଭାବରେ ଗଢ଼ା ଯିବା ଦ୍ୱାରା ଥାନାକୁ ଯାଉଥିବା ଶିଶୁ ମାନଙ୍କ ମାନସିକ ଚାପ ହ୍ରାସ କରିବା ରେ ସହାୟକ ହେବବୋଲି ଆଶା କରାଯାଏ ।

## ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଓ ଗିରଫ ଦାବିରେ ରାଜଧାନୀରେ ଗର୍ଜିଲା ଛାତ୍ର କଂଗ୍ରେସ

ଭୁବନେଶ୍ୱର, (ପି.ଏନ): କଳାହାଣ୍ଡି ମହାଲିଙ୍ଗ ସନସାଇନ ପବ୍ଲିକ ସ୍କୁଲର ଅଧକ୍ଷା ମମିତା ମେହେରଙ୍କ ହତ୍ୟା ଘଟଣାରେ ରାଜଧାନୀରେ ଗର୍ଜିଛି ଛାତ୍ର କଂଗ୍ରେସ । ଘଟଣାରେ ସଂପୃକ୍ତ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଓ ଗିରଫ ଦାବିରେ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ନବୀନ ନିବାସ ଘେରାଉ ଉଦ୍ୟମ କରାଯାଇଥିଲା। ପୋଲିସ୍ ସେମାନଙ୍କୁ ଶିଶୁ ଭବନ ଛକ ଠାରେ ଅଟକାଇବାକୁ ଉଦ୍ୟମ କରିବାରୁ ଛାତ୍ର ନେତା ଓ ପୋଲିସ୍ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଆନ୍ଦୋଳନକାରୀ ବ୍ୟାରିକେଟ୍ ଡେଇଁ ନବୀନ ନିବାସ ଆଡକୁ ଯିବା ପାଇଁ ଉଦ୍ୟମ କରିଥିଲେ । ଏହା ମଧ୍ୟରେ ଆନ୍ଦୋଳନକାରୀ ପୋଲିସ୍ ଉପରକୁ ଟମାଟ ଓ ଅଣ୍ଡା ମାଡ କରିଥିବା ଅଭିଯୋଗ ହୋଇଛି। ପୋଲିସ୍ ଘଟଣାସ୍ଥଳରୁ ଶତାଧିକ ଛାତ୍ରନେତାଙ୍କୁ ଉଠାଇ ଅଟକ ରଖିଛି। ଅପରପକ୍ଷରେ ଟମାଟ ଓ ଅଣ୍ଡା ମାଡ କରିଥିବା ଆନ୍ଦୋଳନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ କହିଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଓ ଗିରଫ ଦାବିରେ ଭୁବନେଶ୍ୱରରୁ ବିଭିନ୍ନ କୋଣରୁ ମୋଟର ସାଇକେଲ ର୍‍ୟାଲିରେ ଆସି ଛାତ୍ରନେତାମାନେ ଫରେଷ୍ଟ ପାର୍କଠାରେ କେନ୍ଦ୍ରୀଭୂତ ହୋଇଥିଲେ। ତାପରେ ଏକ ବିଶାଳ ର୍‍ୟାଲି ନବୀନ ନିବାସ ଆଡ଼କୁ ମାଡ଼ି ଯାଇଥିଲେ। ବାଟରେ ର୍‍ୟାଲି ଦୁଇଭାଗ ହୋଇଥିଲା। ୫ଶହରୁ ଉର୍ଦ୍ଧ୍ୱ ଛାତ୍ର କଂଗ୍ରେସ ନେତା ଓ କର୍ମୀ ମୁଖ୍ୟ ର୍‍ୟାଲିରୁ ବାହାରି ଏୟାରପୋର୍ଟ ଛକ ଆଗରେ ପାହଂଚି ନବୀନ ନିବାସ ଆଡ଼କୁ ଧସେଇ ପସିଥିଲେ। ନବୀନ ନିବାସକୁ ସୁରକ୍ଷା ଦେବା ପାଇଁ ସେଠାରେ ହଜାର ହଜାର ପୋଲିସ ବାରିକେଡ କରି ବିକ୍ଷୋଭକାରୀଙ୍କୁ ଅଟକାଇଥିଲା। ପୋଲିସ ସହ ସଂଘର୍ଷରେ କିଛି ଛାତ୍ର ନେତା କ୍ଷତବ୍ୟକ୍ଷତ ହୋଇ କ୍ୟାପିଟାଲ ହସ୍‌ପିଟାଲରେ ଚିକିତ୍ସିତ ହେଉଛନ୍ତି। ୟାସିର ନୱାଜଙ୍କ ସହ ବହୁ ଛାତ୍ର କଂଗ୍ରେସ କର୍ମକର୍ତା ଓ କର୍ମୀଙ୍କୁ ଗିରଫ କରି ପୋଲିସ ବ୍ୟାରେକ ଓ ବିଭିନ୍ନ ଥାନାରେ ଅଟକ ରଖିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି ଯେ ପୋଲିସ ବଳୟ ଭିତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେତେଦିନ ଆତ୍ମଗୋପନ କରିବେ? ଶିକ୍ଷୟିତ୍ରୀ ଭଉଣୀ ମମିତା ମେହେରର ହତ୍ୟାକାରୀ ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ବଂଚାଇବା ପାଇଁ ମୁଖ୍ୟମନ୍ତ୍ରୀ କୌଶଳକ୍ରମେ ସମସ୍ତ ପ୍ରମାଣ ନଷ୍ଟ କରିବାକୁ ଚକ୍ରାନ୍ତ କରିଛନ୍ତି। ମମିତା ହତ୍ୟାକାଣ୍ଡର ଘଟଣାକ୍ରମକୁ ଅନୁଶୀଳନ କଲେ ସ୍ପଷ୍ଟ ହୋଇପଡୁଛି ଯେ ଦିବ୍ୟଶଙ୍କରଙ୍କ ସଂପୃକ୍ତିକୁ ସଂପୂର୍ଣ୍ଣ ଲୁଚେଇ ଦେବା ପାଇଁ ସରକାର ଯୋଜନାବଦ୍ଧ ଭାବେ କାର୍ଯ୍ୟ କରୁଛି। ନବୀନ ନିବାସକୁ ଦିବ୍ୟଶଙ୍କର ସହ ଗୋବିନ୍ଦ ସାହୁ ଆସୁଥିଲା ଏବଂ ମହାଲିଙ୍ଗ ପ୍ରାଇଭେଟ ସ୍କୁଲ ଓ କଲେଜକୁ ସରକାରୀ ଅନୁଦାନ ମଧ୍ୟ ନେବାରେ ସମର୍ଥ ହୋଇଥିଲା। ଦିବ୍ୟଶଙ୍କର ଓ ଗୋବିନ୍ଦ ସାହୁର ଯୋଡ଼ି କେତେ ମହିଳାଙ୍କ ଜୀବନ ନଷ୍ଟ କରିଛନ୍ତି ତାହାର ପ୍ରମାଣର ପେଡ଼ି ଧିରେ ଧିରେ ଖୋଲୁଛି ମାତ୍ର ମୁଖ୍ୟମନ୍ତ୍ରୀ ଏହାକୁ ଚାପିଦେବା ପାଇଁ ହୀନ ଉଦ୍ୟମ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିରବତା ଓଡ଼ିଶାବାସୀଙ୍କୁ ଚକିତ କରିଛି। ନବୀନ ସରକାରଙ୍କ ୨୨ ବର୍ଷର କୁଶାସନରେ ବେବିନା, ଇତିଶ୍ରୀ, କୁନ୍ଦୁଲି ଛାତ୍ରୀ, ସ୍ମିତା ରାଣୀ, ମାଧବୀ ଲତା, ପରୀ ପ୍ରଭୃତି ଅନେକ ନିରୀହ ମହିଳା ବିଜେଡ଼ି ମନ୍ତ୍ରୀ, ବିଧାୟକ, ସାଂସଦ ଓ ନେତାଙ୍କଦ୍ୱାରା ହତ୍ୟାର ଶୀକାର ହୋଇଛନ୍ତି ଏବଂ ମୁଖ୍ୟମନ୍ତ୍ରୀ ନବୀନ ବାବୁ ସେଇ ନିରୀହ ମହିଳାମାନଙ୍କୁ ନ୍ୟାୟ ଦେବେ କ'ଣ, ପାପକୁ ଘୋଡାଇ ପକାଉଛନ୍ତି। ଶିକ୍ଷୟିତ୍ରୀ ମମିତାର ପରିବାର ନ୍ୟାୟ ନ ପାଇବା ପର୍ଯ୍ୟନ୍ତ ଛାତ୍ର କଂଗ୍ରେସ ରାଜରାସ୍ତାରେ ଲଢ଼େଇରୁ ହଟିବ ନାହିଁ। ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ବହିଷ୍କାର ଓ ଗିରଫ ମମିତାର ପରିବାରକୁ ଏକ କୋଟି ଟଙ୍କା ଅନୁକମ୍ପା ରାଶି ପ୍ରଦାନ ପାଇଁ ଛାତ୍ର କଂଗ୍ରେସ ଦାବି କରୁଛି। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରିୟ ପ୍ରଭାରୀ ସୁଶ୍ରୀ ଅନୁଲେଖା ବୋଷା, ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକ, ସୁରେଶ କୁମାର ରାଉତରାୟ, ରଜତ ଚୌଧୁରୀ, ପ୍ରକାଶ ମିଶ୍ର, ମନୋଜ ବଶ୍ୱାଳ, ମନୋଜ ମହାପାତ୍ର, ଅଜୟ ସାହୁ, ନିହାର ବେହେରା, କିରଣ ସାହୁ, ଆଲୋକ ଲେଙ୍କା, ଶୁଭଙ୍କର ପାତ୍ର, ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ବେଗୁନିଆରେ ବିଜେପିର ସାଙ୍ଗଠନିକ ବୈଠକ

ଖୋର୍ଦ୍ଧା,(ପିଏନ): ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ଗୋଡା ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଲୋକନାଥ ଦେବ ମନ୍ଦିର ପରିସରରେ ବେଗୁନିଆ ନିର୍ବାଚନ ମଣ୍ଡଳୀର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ କେନ୍ଦ୍ର ସରକାରଙ୍କର ଯୋଜନା ସମ୍ପର୍କରେ ଅବଗତ କରାଇବା ସହ ତ୍ରୀ ସ୍ତରୀୟ ପଂଚାୟତ ନିର୍ବାଚନରେ ସାମିଲ ହୋଇ ଦଳକୁ ମଜଭୁତ କରିବା ପାଇଁ ମତ ପ୍ରକାଶ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସଭାପତି ରଶ୍ମି ରଞ୍ଜନ ମହାପାତ୍ର,ୟୁଥ ଫର ଆକ୍ସନର ସଭାପତି ପ୍ରକାଶ ବିଜୁଳି ଓ ଆରଟିଆଇ ସେଲର ସଭାପତି ଗୌର ଚରଣ ପ୍ରହରାଜ ପ୍ରମୁଖ ଅତିଥିବାବେଳେ ଯୋଗ ଦେଇଥିବା ବେଳେ ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada


## ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଋଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତ୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି। ଏହାର ଅର୍ଥ ହେଉଛି-ଋଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି। ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଚାଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଓକ୍ତଙ୍କକ୍ଲୃପ୍ତ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତ୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି। ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି। ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ, ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଋଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି। ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଋହୁଁଛୁ। ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଋମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ। ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ୍ୟ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ। ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି। ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି। ଏହି କ୍ୟାପସୁଲ ସମ୍ଭାର ବର୍ତ୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ। ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଋଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ। ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ। ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି। ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଋଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି। ଫେସନ୍ ଶିଳ୍ପରେ ପରିଋଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାଙ୍କୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତ୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ। ଇଣ୍ଡିଆନ ଟେରେନ୍ ଭଳି ଏକ ବଡ଼ ବ୍ରାଣ୍ଡ ପକ୍ଷରୁ ଶ୍ରେଷ୍ଠ ନିରନ୍ତରତାର ପ୍ରତିବଦ୍ଧତା ଋଷୀ ଗୋଷ୍ଠୀରେ ଭବିଷ୍ୟତ ବିକାଶ ପ୍ରକଳ୍ପ ଲାଗି ପଥ ପ୍ରଦର୍ଶକ ହେବ ଏବଂ ଏକ ଆଶାର କୀରଣ ଜାଗ୍ରତ କରିବ ଯେ ପରିବେଶ ଓ ସାମାଜିକ ଦାୟିତ୍ୱବାନ ଫେସନ୍ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରି ଏହି ମହାମାରୀରୁ ବାହରିବା ଲାଗି ଫେସନ୍ ଶିଳ୍ପ ନିଷ୍ପତି ନେଇପାରିବ।

# ଖେଳ



ସତ୍ୟକୁ ନିରପେକ୍ଷ ଭାବରେ ଉପସ୍ଥାପନ କରେ
ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Thursday October 28, 2021 ଭୁବନେଶ୍ବର ଗୁରୁବାର, ଅକ୍ଟୋବର ୨୮,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮


## ରାସ୍ତା ପାର୍ଶ୍ୱ ପାଲଟିଛି ଡ଼ଷ୍ଟବିନ



ଖଣ୍ଡପଡା,(ପି.ଏନ): ସ୍ୱଚ୍ଛ ପରିବେଶ ସୁସ୍ଥ ପରିବେଶ । ସ୍ୱଚ୍ଛ ଭାରତ ଅଭିଯାନ ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି । ଏଥି ନିମନ୍ତେ ଅନୁଦାନ ଅର୍ଥ ମଧ୍ୟ ମଂଜୁର କରିଛନ୍ତି । ମାତ୍ର ସଚେତନତାର ଅଭାବ ସାଙ୍ଗକୁ ସ୍ଥାନୀୟ ପ୍ରଶାସନର ଅଣଦେଖା ଯୋଗୁଁ ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତା ପାର୍ଶ୍ୱରେ କୁଢ କୁଢ ଅଳିଆ ଆବର୍ଜନା ବର୍ଷ ବର୍ଷ ଧରି ଗଦା ହୋଇ ରହୁଛି । ଖଣ୍ଡପଡା ଠାରୁ ନିକଟସ୍ଥ ବାହାଡା ଛକକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ବାହାଡା ଗ୍ରାମ ନିକଟରେ ରାସ୍ତା ପାର୍ଶ୍ୱ ଡ଼ଷ୍ଟବିନ ପାଲଟିଛି । ଯିଏ ପାରିଲା ସିଏ ସେଠି ଦୈନିକ କୁଢ କୁଢ ଅଳିଆ ନେଇ ପକାଉଛନ୍ତି । ସାମାନ୍ୟ ପବନ ବୋହିଲେ ରାସ୍ତା ସାରା ଅଳିଆ, ଆବର୍ଜନା ଉଡି ପଡୁଥିବା ବେଳେ ଏହା ମଶା, ମାଛିଙ୍କ ବଂଶ ବୃଦ୍ଧିରେ ସହାୟକ ହୋଇଛି । ବନମାଳୀପୁର ପଂଚାୟତ କର୍ତ୍ତୃପକ୍ଷ ଓ ଗାଁ କଲ୍ୟାଣ ସମିତିର କର୍ମକର୍ତାମାନେ ଏଭଳି ସମସ୍ୟା ସଂପର୍କରେ ଅବଗତ ଥିଲେ ହେଁ ଏଥିପ୍ରତି ଦୃଷ୍ଟି ନଦେବା ପରିତାପର ବିଷୟ । ତେବେ ରାସ୍ତା ପାର୍ଶ୍ୱରୁ ଅଳିଆ, ଆବର୍ଜନା ହଟାଇବା ନିମନ୍ତେ ବ୍ଲକ ପ୍ରଶାସନ ନତୁବା ପଂଚାୟତ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ଖୋଲିଲା ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀ ଉତ୍ସାହିତ

ଘଷିପୁରା,(ପି.ଏନ): ଦୀର୍ଘ ଦେଢବର୍ଷ ପରେ ସୋମବାର ଦିନ ରାଜ୍ୟର ସମସ୍ତ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ପାଠପଢା ଆରମ୍ଭ ହୋଇଛି । ସେହି କ୍ରମରେ ସ୍ଥାନୀୟ ଘଷିପୁରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କ[illegible]ପକ୍ଷଙ୍କ ତରଫରୁ ଛାତ୍ରଛାତ୍ରୀଙ୍କ ସ୍ୱାଗତ କରାଯାଇଥିଲା । ଶିଶୁ ମନ୍ଦିର ଖୋଲିବାର ପ୍ରଥମ ଦିନରେ ବିଦ୍ୟାଳୟର ଗୁରୁମା' ଛାତ୍ରଛାତ୍ରୀ ମାନଙ୍କୁ ଚନ୍ଦନ ଟୀକା ପିନ୍ଧାଇ ସ୍ୱାଗତ କରିଥିଲେ । ପ୍ରଥମେ କରୋନା ମହାମାରୀର ଭୟାବହତା ଓ ନିରାକରଣ ସମ୍ପର୍କରେ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରାଯାଇଥିଲା । ବହୁଦିନ ପରେ ବିଦ୍ୟାଳୟ ଖୋଲି ଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା




। ପ୍ରଧାନଆଚାର୍ଯ୍ୟ ସନ୍ତୋଷ କର, ଗୁରୁଜୀ ନିରନ ସାହୁ, ଗୁରୁମା ସରସ୍ୱତୀ ସାହୁ ପ୍ରମୁଖ କ୍ଲାସର ଶୁଭାରମ୍ଭ କରିଥିଲେ । ପରିଚାଳନା କମିଟିର ସଭାପତି ଚି[illegible]ରନ ଦାସ ଓ କ୍ରୀଡାବିତ ବୁଲୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ନଣ୍ଡାବର-ଅଳତୀ ରାସ୍ତାର ଭି[illegible]ପ୍ରସ୍ତର ସ୍ଥାପନ

ଘଷିପୁରା,(ପି.ଏନ): ଘଷିପୁରା ବ୍ଲକ ଅନ୍ତର୍ଗତ ନଣ୍ଡାବର ଠାରୁ ଅଳତୀ ପର୍ଯ୍ୟନ୍ତ ଦୀର୍ଘ ୭କି.ମି. ନୂତନ ରାସ୍ତା ପ୍ରଧାନମନ୍ତ୍ରୀ ସଡକ ଯୋଜନା ଅନ୍ତର୍ଗତ ୪.୩୨ଲକ୍ଷ ବ୍ୟୟ ଅଟକଳରେ ସ୍ଥାନୀୟ ବିଧାୟକ ତଥା ପ୍ରାକ୍ତନ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କ ଦ୍ୱାରା ନଣ୍ଡାବର ଠାରେ ଭି[illegible]ପ୍ରସ୍ତର ସ୍ଥାପନ କରାଯାଇଛି । ଉକ୍ତ ଉତ୍ସବରେ ଯୁବନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବାଶିଷ ପାତ୍ର, ପୁରୁଣାବାନ୍ଧଗୋଡା ସରପଂଚ ପ୍ରଦୀପ କୁମାର ଧୀର, ବିଜେଡି ବ୍ଲକ ସଭାପତି ମନ୍ମଥ କୁମାର ରାଉତ, ସ୍ଥାନୀୟ ନେତା ବିଦ୍ୟାଧର ଜେନା, ଜିତେନ୍ଦ୍ର ପଟ୍ଟନାୟକ, ସୌମେନ୍ଦ୍ର ଧୀର, ଶିଶିର କୁମାର ଜେନା, ବିଦ୍ୟାଧର ଜେନା, କୃଷ୍ଣଚନ୍ଦ୍ର ପରିଡା, ପ୍ରେମଲତା ଓଝା, ବସନ୍ତ ଦାସ ତଥା ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## କୃଷି ଅଧିକାରୀଙ୍କ ବିରି ଚାଷ ତଦନ୍ତ

ଘଷିପୁରା,(ପି.ଏନ): ଘଷିପୁରା ବ୍ଲକ ସରେଇଁ ଗ୍ରାମର ଚାଷୀ ସରକାରଙ୍କ ଠାରୁ ବିରି ବିହନ ନେଇ ପ୍ରାୟ ୧୫ଏକର ଜମିରେ ବିରି ଚାଷ କରି ବିହନ ଜନିତ ତ୍ରୁଟି ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିଲେ । ଉକ୍ତ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ କୃଷି ବିଭାଗ ତରଫରୁ ବ୍ଲକ କୃଷି ଅଧିକାରୀ ନାରାୟଣ ଉପାଧ୍ୟାୟ କ୍ଷେତ୍ର ପରିଦର୍ଶନ କରି କୃଷି ବିଭାଗକୁ ରିପୋର୍ଟ ଦେଇଥିବା ଜଣାପଡିଛି । ରିପୋର୍ଟ ଅନୁଯାୟୀ ସରକାରଙ୍କ ନିଷ୍ପ[illegible] କ୍ରମେ କ୍ଷତିପୂରଣ ଦେବାପାଇଁ ବିଚାର କରାଯିବ ବୋଲି କୃଷି ଅଧିକାରୀ ସୂଚନା ଦେଇଛନ୍ତି ।

## ଭିନ୍ନକ୍ଷମଙ୍କ ବହୁଯୋଜନା ଓ ଅଧିକାର ସମ୍ପର୍କରେ ସଚେତନତା ଶିବିର

ଖୋର୍ଦ୍ଧା, (ପିଏନ): ଭିନ୍ନକ୍ଷମଙ୍କ ଅଧିକାର ଓ ବିଭିନ୍ନ ଯୋଜନା ସମ୍ପର୍କିତ ସଚେତନତା ଶିବିର ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭିନ୍ନକ୍ଷମ ମାନଙ୍କୁ ସାମାଜିକ ସ୍ରୋତରେ ସାମିଲ କରିବା ସହ ଅନ୍ତର୍ନିହିତ ଗୁଣାବଳୀର ବିକାଶ ପାଇଁ ଆବଶ୍ୟକୀୟ ସୁବିଧା ସୁଯୋଗ ଅଗ୍ରାଧିକାର ଭିତିରେ ଦିଆଯିବ ବୋଲି କହିଥିଲେ । ସଭାର ପ୍ରାରମ୍ଭରେ ଅଧିକାରଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ



ରାଉତରାୟ ,ସ୍ୱାସ୍ଥ୍ୟ ଅଧିକାରୀ ଡଃ ପ୍ରଶାନ୍ତ କୁମାର ଦାଶ,ସାମାଜିକ ସୁରକ୍ଷା ଅଧିକାରୀ ପ୍ରସନ୍ନ କୁମାର ମଲ୍ଲିକ,ଦେବବ୍ରତ ସାହୁ,ଖୋର୍ଦ୍ଧା ଉପଜିଲ୍ଲାପାଳ ଆଇ ଗୌରବ ଶିବାଜୀ ,ଭୁବନେଶ୍ୱର ଉପଜିଲ୍ଲାପାଳ ସମେତ ବହୁ ଅଧିକାରୀ ମାନେ ଯୋଗ ଦେଇଥିଲେ । ପରେ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ଓ ଉପକରଣ ପ୍ରଦାନ କରାଯାଇଥିଲା ।

## ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ଅଧପନ୍ତରିଆ

ଆନନ୍ଦପୁର,(ପି.ଏନ): ଆନନ୍ଦପୁର ବୈତରଣୀ ନଦୀ ଉପରେ ନିର୍ମିତ ଆନନ୍ଦପୁର ବ୍ୟାରେଜକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ଉଦ୍‌ଘାଟନର ୨ ବର୍ଷ ଅତିକ୍ରାନ୍ତ ହୋଇଥିଲେ ମଧ ଏ ପର୍ଯ୍ୟନ୍ତ ତାହା ଚାରିଆଡେ ଅଧପନ୍ତରିଆ ହୋଇ ପଡି ରହିଛି । ବ୍ୟାରେଜ ଡିଭିଜନର ପ୍ରଶାସନିକ ଅଧିକାରୀ ଉକ୍ତ ପ୍ରକଳ୍ପକୁ ଅଣଦେଖା କରିବା ସହିତ ବ୍ୟାରେଜ ଉପରେ ଲାଗି ରହିଥିବା ଲୁହା ପଟି ଗୁଡିକ ବାହାରି ନଷ୍ଟ ହେବାକୁ ବସିଲାଣି । ବ୍ୟାରେଜ୍ ଆରମ୍ଭରୁ ଝାଡେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଏବଂ ବ୍ୟାରେଜ ଠାରୁ ୨୦ନଂ ଜାତୀୟ ରାଜପଥର ରାସ୍ତା ମରଣଯନ୍ତା ହୋଇ ପଡି ରହିଥିବା ବେଳେ ବାରମ୍ବାର ଗଣମାଧ୍ୟମରେ ଉକ୍ତ ଖବର ପ୍ରକାଶ ପାଇଥିଲେ ହେଁ ପ୍ରଶାସନିକ ଅଧିକାରୀମାନେ ନିରବଦ୍ରଷ୍ଟା ସାଜି



ଅଫିସ୍‌ରେ ବସି ରହିଛନ୍ତି । ବ୍ୟାରେଜର ସୌନ୍ଦର୍ଯ୍ୟ କରଣ ନିମନ୍ତେ ବିଭିନ୍ନ ଉନ୍ନତି ମୂଳକ ପ୍ରକଳ୍ପ ଆସିଥିଲେ ମଧ ଆଜି ପର୍ଯ୍ୟନ୍ତ ତାହା ଅନୁମୋଦନ ନ ହୋଇ ପଡି ରହିଛି । ଉକ୍ତ ପ୍ରକଳ୍ପ ଗୁଡିକ ମଧ୍ୟରୁ ବ୍ୟାରେଜର ଉଭୟ ପାର୍ଶ୍ୱରେ ପାର୍କିଂ ତିଆରି କରିବା, ଉଭୟ ପାର୍ଶ୍ୱକୁ ଆଲୋକିକରଣ କରିବା, ବିରଷ୍ଟ ନାଗରିକ ଓ ସାଧାରଣ ଲୋକଙ୍କ ନିମନ୍ତେ ସକାଳ ଓ ସନ୍ଧ୍ୟାରେ ପଥଭ୍ରମଣ କରିବା ପାଇଁ ରାସ୍ତାର ପ୍ରସାରଣ କରିବା, ବ୍ୟାରେଜର ଉଭୟ ପାର୍ଶ୍ୱରେ ଦୁର୍ଘଟଣାକୁ ରୋକିବା ପାଇଁ ସିକ୍ୟୁରିଟି ଗାର୍ଡର ବ୍ୟବସ୍ଥା କରିବା, ଅଧପନ୍ତରିଆ ହୋଇ ପଡିଥିବା କେନାକୁ ସମ୍ପୂର୍ଣ୍ଣ କରିବା ସହିତ ଆନନ୍ଦପୁର ବ୍ୟାରେଜକୁ ପର୍ଯ୍ୟଟନ ସ୍ଥଳୀ ଭାବେ ମାନ୍ୟତା ପ୍ରଦାନ କରିବା ପାଇଁ ପ୍ରଶାସନିକ ପ୍ରକଳ୍ପ ନିମନ୍ତେ ସୁପାରିଶ କରିବା ସହିତ ବ୍ୟାରେଜରେ ରହିଯାଇଥିବା ସମସ୍ୟା ଗୁଡିକୁ ଶୀଘ୍ର ସମାଧାନ ନିମନ୍ତେ ସାଧାରଣରେ ଦାବି ହୋଇଛି ।

## ଭୁବନେଶ୍ୱରରେ ଜେ.କେ. ଟାୟାର ଏଫଏମଏସସିଆଇ ଭାରତୀୟ ରାଷ୍ଟ୍ରୀୟ ନିୟମିତତାର ରନ ପୂର୍ବ ଜୋନ ଯୋଗ୍ୟତା ହାସଲ କଲା

ଭୁବନେଶ୍ୱର, (ପି.ଏନ): ଦକ୍ଷିଣ ଓ ଉତର ୪ଟି ରନ ଚାମ୍ପିଅନସିପର ରାଉଣ୍ଡ ୫ ଏହାର ପ୍ରଥମ ଇଷ୍ଟ ଯୋନ ଯୋଗ୍ୟତା ପାଇଁ ପ୍ରସ୍ତୁତ ହୋଇଛି । ପାଂଚୋଟି ଇଷ୍ଟ ଯୋନ ରାଉଣ୍ଡର ପ୍ରଥମ କଳିଙ୍ଗ ଗ୍ରୀନ ରନ ୩୧ ଅକ୍ଟୋବର ରବିବାରରେ ତାଜ ଭିଭାଂଟା ଠାରୁ ପତାକା ଦେଖାଇ ଶୁଭାରମ୍ଭ ହେବ । ଭୁବନେଶ୍ୱର, କଟକ ଓ ଅନ୍ୟାନ୍ୟ ସ୍ଥାନକୁ ୨୨୦ କିମି ଯାତ୍ରା ପରେ ଏହି କାର୍ଯ୍ୟକ୍ରମ ଗନ୍ତବ୍ୟ ସ୍ଥାନରେ ସମାପ୍ତ ହେବ । ୪ ଚକିଆ ଯାନ ପାଇଁ ଜେକେ ଟାୟାର ଇଣ୍ଡିଆନ ନ୍ୟାସନାଲ ରେଗୁଲାରିଟି ରନ ଚାମ୍ପିଅନସିପ ୨୦୨୧ ରାଉଣ୍ଡ ୧ କଳିଙ୍ଗ ଗ୍ରୀନ ରନ ୩ ଲାଗି ନନ କ୍ୟୁମୁଲେଟିଭ ଭିତିରେ ଏନଓଭିଆଇସିଇ ବର୍ଗରେ ଟାଇମ/ ସ୍ପିଡ/ଦୂରତା (ଟିଏସଡି) ଫର୍ମାଟରେ ପରିଚାଳିତ ହେବ । କଳିଙ୍ଗ ମୋଟର୍ସ ସ୍ପୋର୍ଟସ କ୍ଲବ ଦ୍ୱାରା ପରିଚାଳିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟକ ପ୍ରବେଶିକା ସଂଗ୍ରହ କରାଯାଇଛି ଓ ଏହି ଟିମ ଆଇଏନଆରଆରସି ବର୍ଗ ଓ ଓପନ କ୍ଲାସ ବର୍ଗରେ ପ୍ରତିଯୋଗିତା କରିବେ । ଦେଶରେ ମହିଳାମାନେ ମୋଟର୍ସ ସ୍ପୋର୍ଟରେ ଭାଗ ନେବାକୁ ଆଗେଇ ଆସିଛନ୍ତି, କଳିଙ୍ଗ ଗ୍ରୀନ ରନ ୩ରେ ପୋଡିୟମ ପାଇଁ ପ୍ରତିଦ୍ୱନ୍ଦିତା କରୁଥିବା ସମସ୍ତ ମହିଳା ଅଟନ୍ତି । ଜେକେ ଟାୟାର ପକ୍ଷରୁ ଭୁବନେଶ୍ୱରରେ ଏପରି ଏକ ମୋଟର୍ସ ସ୍ପୋର୍ଟ ଆୟୋଜନ ପ୍ରଥମ । ସାଧାରଣତଃ ଦକ୍ଷିଣ ଭାରତରେ ମୋଟର୍ସ ସ୍ପୋର୍ଟ ହବ ରହିଛି ଓ ସେଠାରେ ଏହା ବେଶି ଆୟୋଜିତ ହୋଇଥାଏ କିନ୍ତୁ ଧୀରେ ଧୀରେ ଟିଏସଡି ଡ୍ରାଇଭ ଗୁଡ଼ିକର ଫର୍ମାଟ ସାରା ଦେଶରେ ପହଂଚୁଛି ଓ ଆମେ ଏହା ନିଶ୍ଚିତଯେ ଆଇଏନଆରଆରସି ଏହାର ପ୍ରସାର ଦିଗରେ ସାହାଯ୍ୟ କରିବ ଏବଂ ବର୍ତମାନ ଏହା ରାଷ୍ଟ୍ରୀ ଚାମ୍ପିଅନ ଭାବରେ ୧୬ ଟି ସହରରେ ପ୍ରସାର ଲାଭକରିବ । ଆମେ ନିଶ୍ଚିତଯେ ଆଇଏନଆରଆରସିରେ ଅଂଶଗ୍ରହଣକାରୀମାନଙ୍କୁ ଆବଶ୍ୟକୀୟ ଭିତିଭୂମି ଯୋଗାଇବା ସହ ପ୍ରୋତ୍ସାହନ ବୃଦ୍ଧି କରିବ ବୋଲି ଶ୍ରୀ ସୟ ଶର୍ମା, ଜେକେ ଟାୟାରର ମୁଖ୍ୟ ମୋଟରସ୍ପୋର୍ଟ କହିଛନ୍ତି । ଜେକେ ଟାୟାର ପକ୍ଷରୁ ଭୁବନେଶ୍ୱରରେ ଏପରି ଏକ ମୋଟର୍ସ ସ୍ପୋର୍ଟ ଆୟୋଜନ ପ୍ରଥମ ହୋଇଥିବାରୁ ପ୍ରଥମ ଯୋନ ଯୋଗ୍ୟତା ପର୍ଯ୍ୟାୟ ଆୟୋଜନ କରିବାକୁ ଆମେ ଅତ୍ୟନ୍ତ ଉତ୍ସାହୀ । ଆମେ ସେହି ମାର୍ଗ ଯୋଜନା କରିଛୁ ଯାହା ଟିମର ଡ୍ରାଇଭିଂ ଓ ନାଭିଗେସନ ଦକ୍ଷତା ପ୍ରତପାଦନ କରିବ । ଏପରି କାର୍ଯ୍ୟକ୍ରମ ପରିଚାଳନା କରି ଆମେ ଲୋକମାନଙ୍କୁ ସୁରକ୍ଷିତ ଗାଡ଼ିଚାଳନା ବିଷୟରେ ଶିକ୍ଷା ଦେଇପାରିବୁ ଓ ଡ୍ରାଇଭରମାନଙ୍କୁ ଶୃଙ୍ଖଳିତ ମାର୍ଗ ପ୍ରଦର୍ଶନ କରିପାରିବୁ ବୋଲି ରମେଶ ମହାପାତ୍ର, କଳିଙ୍ଗ ମୋଟର ସ୍ପୋର୍ଟସ କ୍ଲବର ସାଧାରଣ ସଂପାଦକ କହିଛନ୍ତି । ସାଧାରଣ ସଡ଼କରେ କାର ଚଳାଉଥିବା ଡ୍ରାଇଭର ଓ ନାଭିଗେଟରଙ୍କ ସହିତ ନିୟମିତତା ରନ ସମୟ, ଗତି, ଦୂରତା ଫର୍ମାଟ ଉପରେ ଆଧାରିତ ଏହି କାର୍ଯ୍ୟକ୍ରମରେ ଉପଯୁକ୍ତ ଜ୍ଞାନ କୌଶଳକୁ ଶିଖିବା ଓ ପ୍ରତ୍ୟକ ବିଷୟରେ ଯୋଗ୍ୟତା ଅର୍ଜନ କରିବା ଏହାର ଉଦ୍ଦେଶ୍ୟ । କେବଳ ଉଚ୍ଚ ବେଗରେ ଗାଡ଼ି ଚଳାଇବା ନୁହେଁ, ନାଭିଗେଟର ଦ୍ୱାରା ଡ୍ରାଇଭରଙ୍କୁ ଦିଆଯାଉଥିବା ନିର୍ଦ୍ଧିଷ୍ଟ ଦିଗ ଉପରେ ଗୁରୁତ୍ୱ ଦିଆଯିବ । ସବୁ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କ ମାର୍ଗ ଦର୍ଶାଯିବ ଓ ସେମାନେ ନିର୍ଦ୍ଦେଶାନୁସାରେ ଉପଯୁକ୍ତ ମାର୍ଗରେ ଚାଳନା କରିବେ । ଅଂଶଗ୍ରହଣକାରୀମାନେ ସଠିକ ମାର୍ଗ ଅନୁସରଣ କରୁଛନ୍ତି କି ନାହିଁ ଏବଂ ନିର୍ଦ୍ଧିଷ୍ଟ ଦୁରତାକୁ ଅତିକ୍ରମ ପାଇଁ ଉପଯୁକ୍ତ ସମୟ ବଜାୟ ରଖୁଛନ୍ତିକି ନାହିଁ ତାହା ଜାଣିବା ମଧ୍ୟ ଏହି ପ୍ରତିଯୋଗିତାର ଉଦ୍ଦେଶ୍ୟ । ଏ ପ୍ରକାର ରାଲି ବିଶେଷତଃ ନବାଗତଙ୍କ ପାଇଁ ବିଶେଷ ଆକର୍ଷଣୀୟ ହୋଇ ପାରିବ ।

## ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ବିଜେପି ପକ୍ଷରୁ ଆରକ୍ଷୀ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ



ଖୋର୍ଦ୍ଧା,(ପିଏନ) : କଳାହାଣ୍ଡି ଜିଲ୍ଲା ମହାଲିଙ୍ଗ ସନସାଇନ ପବ୍ଲିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ମମିତା ବେହେରାଙ୍କୁ ଅପହରଣ ପରେ ଅମାନୁଷିକ ଭାବେ ହତ୍ୟା କରାଯାଇଥିଲା । ଏ ନେଇ ପୋଲିସ ଗୋବିନ୍ଦ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଏଥିରେ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କ ସମେତ ବହୁ ମନ୍ତ୍ରୀ ଓ ନେତା ସାମିଲ ହୋଇଥିବାରୁ ସେମାନଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଗିରଫ କରାଯାଉ ବୋଲି ଦୃଢ ଭାବେ ଦାବୀ ହୋଇ ଆସୁଛି । ଆଜିର ଏହି ଶୋଭାଯାତ୍ରାରେ ବିଜେପି ଯୁବମୋର୍ଚ୍ଚା ଓ ମହିଳା ମୋର୍ଚ୍ଚାର ଶତାଧିକ କର୍ମୀ ନୂଆ ବସଷ୍ଟାଣ୍ଡରୁ ଶୋଭାଯାତ୍ରାରେ ବାହାରି ଆରକ୍ଷୀ ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଂଚି କୁଶପୁତଳିକା ଦାହ ପରେ ଆରକ୍ଷୀ ଅଧିକାରୀ ରାଜ କିଶୋର ଦୋରାଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଥିଲେ । ଏଥିରେ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ବିଜେପି ନେତା କାଳୁ ଚରଣ ଖଣ୍ଡେଇତରାୟ,ଜିଲ୍ଲା ସଭାପତି ରଶ୍ମି ରଞ୍ଜନ ମହାପାତ୍ର,ମହିଳା ମୋର୍ଚ୍ଚା ସଭାପତି ପ୍ରବୀଣା ଭଞ୍ଜଦେଓ,ଭାରତୀୟ ଜନତା ଯୁବମୋର୍ଚ୍ଚା ସଭାପତି ପ୍ରଦୀପ୍ତ ବଡଜେନା,ରାଜ୍ୟ ମହିଳା ମୋର୍ଚ୍ଚା ସଦସ୍ୟା ରଶ୍ମିମୟୀ ପଟ୍ଟନାୟକ ସମେତ ବହୁଲୋକ ଯୋଗ ଦେଇଥିଲେ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray